ବର୍ଷ-୨୫, ସଂଖ୍ୟା-୯୦
ଭୁବନେଶ୍ୱର
୦୨, ଏପ୍ରିଲ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 90
Bhubaneswar
02 April, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାର ଉତ୍ସବ




କଟକ/ଭୁବନେଶ୍ୱର,୧।୪(ମହାଭାରତ): ଆଜି ଓଡିଶା ଦିବସ। ସାରା ରାଜ୍ୟରେ ଓଡିଆ ଅସ୍ମିତାର ଉତ୍ସବ। ଏହି ଅବସରରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ମାଟି ସତ୍ୟଭାମାପୁରରେ ଆୟୋଜନ କରିଛନ୍ତି ରାଜ୍ୟ ସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି। ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ ଏ ସ୍ଥାନକୁ ଓଡିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ ଓଡ଼ିଆ ସ୍ୱାଭିମାନର ଦିବସ ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଇ, ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ ମାଟିରେ ଓଡ଼ିଶା ଦିବସ ପାଳନ କରୁଛୁ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ରଖିଥିଲେ। ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଏନ୍ତୁଡିଶାଳର ଉନ୍ନତିକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ ଆଦି କରାଯିବ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ର ମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ସୁଝି ପାରିବୁ ନାହିଁ। ତେବେ, ଏକ ସମୃଦ୍ଧ ଓଡିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଢ଼େ ଚାରି କୋଟି ଓଡ଼ିଶାବାସୀ ଯେତେବେଳେ ଏକଜୁଟ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଚାଲିବେ, ସେତେବେଳେ ପୃଥିବୀର କୌଣସି ଶକ୍ତି ତାଙ୍କୁ ଅଟକେଇ ପାରିବେ ନାହିଁ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହେବ ଲକ୍ଷ୍ୟ ସଫଳ ହେବ। ଓଡିଶାର ଏହି ମହା ପରିବର୍ତ୍ତନର ଯାତ୍ରାରେ ସମସ୍ତେ ସାମିଲ ହୋଇ ସମୃଦ୍ଧ ଓଡ଼ିଶାର ମହାନ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ।

ରାଜ୍ୟରେ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ପାଳନ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଓଡ଼ିଶାର ପ୍ରକୃତ ସମ୍ପଦ ହେଉଛନ୍ତି ଆପଣମାନେ। ଆମର ସାଢ଼େ ଚାରି କୋଟି ଓଡ଼ିଶାବାସୀ। ଆମର ପ୍ରତ୍ୟେକ ରକ୍ତ ବିନ୍ଦୁରେ ଓଡ଼ିଆ ଅସ୍ମିତା ଭରି ରହିଛି। ଆମର ଚାଲିଚଳଣ, କଥାବାର୍ତ୍ତା, ଖାଦ୍ୟ... ସବୁଥିରେ ଭରି ରହିଛି ଗୋଟିଏ ନିଛକ ଓଡ଼ିଆପଣ। ସେହି ଓଡ଼ିଆପଣ, ଓଡ଼ିଆ ଅସ୍ମିତାକୁ ଆଗେଇ ନେବା ପାଇଁ ଆମେ ପ୍ରତିବଦ୍ଧ ସେଥିପାଇଁ ଆଜିଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆମେ ଓଡ଼ିଆ ପକ୍ଷ ପାଳନ କରୁଛୁ। ଏହି ସମୟରେ ପ୍ରତ୍ୟେକ ଓଡିଆ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ବାର୍ତ୍ତାଳାପ କରିବା ସହିତ ଓଡ଼ିଆ ପତ୍ରପତ୍ରିକା ମଧ୍ୟ ପଢ଼ିବାକୁ ସେ ଆହ୍ୱାନ ଦେଇଥିଲେ।

ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର କେବଳ ମଧୁବାବୁଙ୍କ ଜନ୍ମମାଟି ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ ସ୍ଥଳ ଆଧୁନିକ ଭାରତରେ ଓଡ଼ିଆ ଭାଷାର ଉତଥାନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧାଙ୍କ ଜନ୍ମସ୍ଥଳୀ ହେଉଛି ଏ ପବିତ୍ର ମାଟି। ଯେଉଁ ମାଟିର ସନ୍ତାନ ସବୁ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ି, ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ, ତାଙ୍କୁ ସଶ୍ରଦ୍ଧ ପ୍ରଣିପାତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ହୋଇଥିବା ଆନ୍ଦୋଳନର ଲକ୍ଷ୍ୟ କେବଳ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭୌଗୋଳିକ ଭୂଖଣ୍ଡ ବନାଇବା ନ ଥିଲା।ଏହାର ଆଉ ଗୋଟିଏ ପ୍ରଧାନ ଲକ୍ଷ୍ୟ ଥିଲା, ଅବକ୍ଷୟମାନ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୁନର୍ଜୀବିତ କରି ଘରେ ଘରେ ଆଦୃତ କରାଇବା।

ତେଣୁ, ଓଡ଼ିଶା ପ୍ରଦେଶ ଗଠନ ସହିତ, ଓଡ଼ିଆ ଭାଷା ଓ ସାଂସ୍କୃତିକ ଜାଗୃତି ପାଇଁ ମଧ ଲେଖନୀ ମାଧ୍ୟମରେ ଆନ୍ଦୋଳନ ଚାଲିଥିଲା ଏହାର ପୁରୋଧା ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରି ଶଙ୍କର ରାୟ, ବ୍ୟାସକବି ଫକୀର ମୋହନ ସେନାପତି। ଏପରିକି, ମଧୁବାବୁ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଲେଖନୀ ଚାଳନା କରୁଥିଲେ ତାଙ୍କ ରଚିତ ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ କେତେ ଦିନେ; ପୂରୁବ ଗେରବ ପୂରୁବ ସାହସ, ପଡ଼ିବ କି କେବେ ମନେ! ଲକ୍ଷ ଲକ୍ଷ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲା। ମଧୁବାବୁଙ୍କ ଡାକରେ ସାରା ଓଡ଼ିଆ ଜାତି ଏକତ୍ରିତ ହୋଇଥିଲା ଏବଂ ୮୯ ବର୍ଷ ପୂର୍ବେ ଆଜିର ଦିନରେ ଆମେ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଗଠନ କରିଥିଲୁ।

ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୦୩ ମସିହାରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସମ୍ମିଳନୀର ନିରନ୍ତର ଉଦ୍ୟମ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ସ୍ଥାପନ କରିଥିଲା।କାର୍ଯ୍ୟକ୍ରମରେ ଓଡିଶା ଦିବସ ଉପଲକ୍ଷେ ମାନ୍ୟବର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ପଠନ କରାଯାଇଥିଲା । ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲେ ଏବଂ କୃତି ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଗଣ ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ଇଂ. ସୋଫିଆ ଫିର୍ଦୋସ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ସାରଦା ପ୍ରଧାନ, ବିଜୟ କୁମାର ଦଳବେହେରା ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ଅରେ.ଡି.ସି. ଶ୍ରୀ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ଯାଏଁ ବର୍ଷା ସହ ପବନ

ଭୁବନେଶ୍ୱର,୧।୪(ମହାଭାରତ): ରାଜ୍ୟରେ ଆସନ୍ତାକାଲିଠୁ ବଦଳିବ ପାଣିପାଗ। ଟ୍ରପ୍ ଲାଇନ ପ୍ରଭାବରେ ଖରା ପରେ ବର୍ଷା ହେବାକୁ ଥିବା ବେଳେ ୫ ତାରିଖ ଯାଏ କୁଆପଥର ବର୍ଷା ହେବାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ସମ୍ବଲପୁର, କଳାହାଣ୍ଡି, ରାୟଗଡ଼ା, ବୌଦ୍ଧ କୋରାପୁଟ, ନବରଙ୍ଗପୁର, କନ୍ଧମାଳ ଏହି ୯ ଜିଲ୍ଲାକୁ କୁଆପଥର ବର୍ଷା ସହ ଅରେଞ୍ଜୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।



ତାସହ ଏହି ସବୁ ଜିଲ୍ଲାମାନଙ୍କରେ ୫୦ ରୁ ୬୦ ଡିଗ୍ରୀ କିମିରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ବରଗଡ଼, ସୋନପୁର ବଲାଙ୍ଗୀର, ନୂଆପଡା ଓ ମାଲକାନଗିରିରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ୪ ତାରିଖରେ ଉପକୂଳ ଓଡ଼ିଶାରେ ବିଜୁଳି ଘଡ଼ଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୫୦ ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ସହ ଆଠଟି ସ୍ଥାନରେ ୫୦ ରୁ ୬୦ କିମି ବେଗରେ ପବନ ଓ ଆଉ କିଛି ସ୍ଥାନରେ ୪୦ ରୁ ୫୦ କିମି ପବନ ବହିବାର ସମ୍ଭାବନା ରହିଛି ଆଗାମୀ ୫ ତାରିଖ ଯାଏଁ ବର୍ଷା ହେବ।

ରାଜ୍ୟରେ ବର୍ଷା ସମ୍ଭାବନା ଦେଇଛି। ପାଣିପାଗ ବିଭାଗ ଅନୁଯାୟୀ, ୨ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ଦେଓଗଡ଼ ,ବରଗଡ଼ ସମ୍ବଲପୁର, ସୋନପୁର, ବଲାଙ୍ଗୀର, ଅନୁଗୁଳ ସୁବର୍ଣ୍ଣପୁର, ନବରଙ୍ଗପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ଓ କୋରାପୁଟ ପ୍ରମୁଖ ୧୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ତା ସାଙ୍ଗକୁ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ୩ ତାରିଖରେ ବର୍ଷାର ପରିମାଣ ବଢ଼ିବା ବିଜୁଳି ଘଡ଼ଘଡ଼ି ସହ

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧।୪(ମହାଭାରତ):**ଆଜି ଓଡ଼ିଶା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଦିବସର ଶୁଭ କାମନା ଜଣାଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ'ଓଡ଼ିଶା ଦିବସ'ର ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ସମୃଦ୍ଧ, ସାଂସ୍କୃତିକ ଐତିହ୍ୟ ଏବଂ ଅବଦାନକୁ ମନେପକାଇବାର ଦିନ। ଓଡ଼ିଶାବାସୀ ଓଡ଼ିଶାର ଉନ୍ନତି ନିମନ୍ତେ କଠିନ ପରିଶ୍ରମ କରିଆସିଛନ୍ତି। ଭାରତୀୟ ସ୍ୱାଧୀନତାରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ଭାରତର ଅନେକ ବିନ୍ଧାଣିଙ୍କୁ ଓଡ଼ିଶା ରାଜ୍ୟ ଜନ୍ମ ଦେଇଛି। ଓଡ଼ିଶାର ଶାନ୍ତି ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି। 'ଓଡ଼ିଶା ଦିବସ' ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ।ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଗର୍ବିତ। ଓଡ଼ିଶାବାସୀ କଠିନ ପରିଶ୍ରମୀ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି। କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ର ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ଦିବସର ପବିତ୍ର ଅବସରରେ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି କାର୍ଯ୍ୟକ୍ରମ ଓଡ଼ିଆ ନବ ବର୍ଷ (ଏପ୍ରିଲ ୧୪) ପର୍ଯ୍ୟନ୍ତ ଚାଲିବ। ଏହି ୧୪ ଦିନ ଧରି ଓଡ଼ିଆ ସାହିତ୍ୟ, କଳା, ଐତିହ୍ୟ, ଅସ୍ମିତା, ପରମ୍ପରା, ସାମାଜିକ ଜୀବନ, ସଚେତନତା ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ଆସନ୍ତୁ, ଆମେ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା। ଓଡ଼ିଶାର ଅନନ୍ୟ ପରିଚୟକୁ ବିଶ୍ୱବିଦିତ କରାଇବା ପାଇଁ ସଂକଳ୍ପ ନେବା।

## ରାମନବମୀ ପାଇଁ ସୁରକ୍ଷା କଡ଼ାକଡ଼ି

ଭଦ୍ରକ,୧।୪(ମହାଭାରତ): ଭଦ୍ରକରେ ରାମନବମୀ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଆଜି ଅପରାହ୍ନ ୫ଟାରେ ଏସ୍‌ପିଙ୍କ ଅଫିସ୍‌ରେ ସ୍ଥିତି ସମୀକ୍ଷା କରିଛନ୍ତି। ଭଦ୍ରକ ଓ ବାଲେଶ୍ୱର ଜିଲାରେ ରାମନବମୀ ପାଳନରେ ଶାନ୍ତିଶୃଙ୍ଖଳା ନେଇ ସ୍ଥିତି ସମୀକ୍ଷା କରିଥିଲେ।

ସମୀକ୍ଷା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସ୍ୱୟଜିତ୍ ନାୟକ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାନ୍ତିଶୃଙ୍ଖଳା ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ସହରରେ ୨୬ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ବିଏସ୍‌ଏଫ୍, ସିଆର୍‌ପିଏଫ୍, ରାପିଡ୍ ଆକ୍ସନ ଫୋର୍ସ ସମେତ ୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯିବ। ସହରର ବିଭିନ୍ନ ରାସ୍ତା ଓ ସାହିବସ୍ତିରେ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ଓ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯିବ।ଅପରାଧୀମାନଙ୍କୁ ଗିରଫ କରାଯିବା ପାଇଁ ପୋଲିସ ପକ୍ଷରୁ ଧରପଗଡ଼ କରାଯିବ। ମୋବାଇଲ ପାଟ୍ରୋଲିଂ କରାଯିବା ସହ ସୋସିଆଲ ମିଡିଆ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଡିଆଇଜି ନାୟକ ସୂଚନା ଦେବା ସହ ମଙ୍ଗଳବାର ସୋସିଆଲ ମିଡିଆ ଅପବ୍ୟବହାର ନେଇ ଏକ ମାମଲା ହୋଇଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ବାଲେଶ୍ୱର ଏସ୍‌ପି ରାଜକୁମାର ଉପସ୍ଥିତ ଥିଲେ ସମୀକ୍ଷା ବୈଠକରେ ବାଲେଶ୍ୱର ଓ ଭଦ୍ରକ ଜିଲାର ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

## ଓଡ଼ିଶା ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀ ହେବ

**ନୂଆଦିଲ୍ଲୀ, ୧।୪ (ପିଆଇବି):** କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କରିଛନ୍ତି। ସମସ୍ତଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟର ପ୍ରଗତି ଗତିଶୀଳ ହୋଇଛି। ରାଜ୍ୟକୁ ମିଳୁଥିବା ରେଳ ଅନୁଦାନ ଚାରି ଗୁଣ ବୃଦ୍ଧି ପାଇଛି। ଗତ ତିନି ବର୍ଷ ଧରି ମୋଦୀ ସରକାର ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲେଖାଏଁ ରେଳ ଅନୁଦାନ ଯୋଗାଇ ଦେଇଛନ୍ତି।



କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, ଓଡ଼ିଶାକୁ ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀରେ ପରିଣତ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଭୁବନେଶ୍ୱର ରେଳ ଷ୍ଟେସନରେ ନିର୍ମାଣାଧୀନ ଅଟ୍ଟାଳିକାର ପ୍ରଥମ ଚାରିଟି ମହଲାକୁ ରେଳବାଇ କାର୍ଯ୍ୟରେ ଉପଯୋଗ କରାଯିବ। ପଞ୍ଚମରୁ ଏକାଦଶ ମହଲାକୁ ଆଇଟି ଉଦ୍ୟୋଗକୁ ସମର୍ପିତ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରାଥମିକତା ଦେଉଛନ୍ତି। ପୂର୍ବରୁ ରାଜ୍ୟର ବିକାଶ ଅତି ମନ୍ଥର ଗତିରେ ହେଉଥିଲା। ଏବେ କିନ୍ତୁ ବନ୍ଦେ ଭାରତ ବେଗରେ ଓଡ଼ିଶାର ବିକାଶ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦୁଇ ହଜାର କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି। ମାଲେସିଆ ଭଳି ଦେଶର ମୋଟ୍ ରେଳ ନେଟୱର୍କର ଆକାର ଯେତିକି ତା'ଠାରୁ ଅଧିକ ରେଳ ଟ୍ରାକ୍ ଓଡ଼ିଶାରେ ନିର୍ମାଣ କରାଯାଇଛି।

ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଆହୁରି ଅଧିକ ବନ୍ଦେ ଭାରତ ଟ୍ରେନ ଚଳାଚଳ କରାଯିବ। ତୃତୀୟ କାର୍ଯ୍ୟକାଳରେ ରାଜ୍ୟର ତିନି ଗୁଣ ଅଧିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶ୍ରୀ ବୈଷ୍ଣବ କହିଥିଲେ।

## ୩୦ ଓଏଏସ୍ ହେଲେ ଆଇଏଏସ୍

**ଭୁବନେଶ୍ୱର,୧।୪(ମହାଭାରତ):** ଏକକାଳୀନ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି ୩୦ ଓଏଏସ୍ ଅଫିସର। ରାଜ୍ୟର ୩୦ଜଣ ବରିଷ୍ଠ ଓଏଏସ୍ ଅଫିସର ମଙ୍ଗଳବାର ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଓଡ଼ିଶା ପ୍ରଶାସନିକ ସେବାର ଅଫିସରମାନଙ୍କୁ ରାଜ୍ୟ କ୍ୟାଡ଼ରରେ ଖାଲି ପଡ଼ିଥିବା ଆଇଏଏସ୍ ପଦବୀରେ ନିଯୁକ୍ତି ଦେବା ପରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ସିଲେକ୍ଟ ଲିଷ୍ଟ-୨୦୨୩ ଓ ସିଲେକ୍ଟ ଲିଷ୍ଟ-୨୦୨୪ ବର୍ଷରେ ଏହି ୩୦ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି।




ତେବେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିନେଦୁଇଦିନ ମଧ୍ୟରେ ଏହି ଅଫିସରମାନଙ୍କୁ ଆଇଏଏସ୍ ପଦବୀକୁ ଉନ୍ନୀତ ହେବାନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ ବୋଲି ଜଣାପଡ଼ିଛି । ଏହି ଅଫିସରମାନେ ଓଡ଼ିଶା କ୍ୟାଡ଼ରରେ ୨୦୧୪ ଓ ୨୦୧୫ ମସିହା ବ୍ୟାଚର ଆଇଏଏସ୍ ଭାବେ ପରିଗଣିତ ହେବେ ବୋଲି ସୂଚନା ମିଳିଛି।

୨୦୨୩ ଓ ୨୦୨୪ ମସିହା ପାଇଁ ଖାଲି ପଡ଼ିଥିବା ପଦୋନ୍ନତିଭିତ୍ତିକ ଆଇଏଏସ୍ ପଦବୀକୁ ରାଜ୍ୟର ୩୦ଜଣ ବରିଷ୍ଠ ଓଏଏସ୍ ଅଫିସର ଉନ୍ନୀତ ହୋଇଛନ୍ତି । ଇଣ୍ଡିଆନ ଆଡମିନିଷ୍ଟ୍ରେଟିଭ ସର୍ଭିସ(କ୍ୟାଡ଼ର) ରୁଲସ୍-୧୯୫୪ର ରୁଲସ-୫(୧)ର ପ୍ରାବଧାନ ଆଧାରରେ ଓଡ଼ିଶା ପ୍ରଶାସନିକ ସେବାର ଏହି ଅଫିସରମାନେ ଆଇଏଏସ୍ ପଦବୀକୁ ଉନ୍ନୀତ ହୋଇଛନ୍ତି।

୨୦୨୩ ସିଲେକ୍ଟ ଲିଷ୍ଟ ଆଧାରରେ ଯେଉଁ ୧୫ଜଣ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପଦବୀ ଉନ୍ନୀତ ହୋଇଛନ୍ତି ସେମାନେ ହେଲେ ଧରମ ହାଁସଦା, ରୀନା ମହାପାତ୍ର, ନିୟତି ପଟ୍ଟନାୟକ, ମହେଶ୍ୱର ସ୍ୱାଇଁ, ମୃଣାଳକାନ୍ତି ଦାସ, ଶ୍ରୀକାନ୍ତ ତରାଇ, ବୀରେନ୍ଦ୍ର କୋରକୋରା, ଲକ୍ଷ୍ମଣ କୁମାର ମଲ୍ଲିକ, ଉପମା କାଲୋ, ଲିଲି କୁମାର କୁଲୁ, କବୀନ୍ଦ୍ର କୁମାର ସାହୁ, ଆରାଧନା ଦାସ, ପ୍ରଦୀପ କୁମାର ନାୟକ, ମଧୁସୂଦନ ଦାଶ ଓ ପ୍ରେମଜିତ ନାୟକ।

ସେହିପରି ୨୦୨୪ ସିଲେକ୍ଟ ଲିଷ୍ଟରେ ଯେଉଁ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଙ୍ଗଳବାର ଆଇଏଏସ ପଦବୀକୁ ଉନ୍ନୀତ କରାଯାଇଛି ସେମାନେ ହେଲେ- ନରହରି ସେଠୀ, ଯୁଗଳେଶ୍ୱରୀ ଦାଶ, ମଧୁସ୍ମିତା ରଥ, ଦେବାଶୀଷ ସିଂ, ସୁବ୍ରତ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନ ପଣ୍ଡା, ନିବେଦିତା ପୃଷ୍ଟି, ସ୍ୱୟଂମ ପ୍ରଭା ମହାନ୍ତି, ଇନ୍ଦ୍ରମଣି ନାୟକ, ସୁଦାମ ଚରଣ ମଣ୍ଡଳ ଓ ଗିରିଶ ଚନ୍ଦ୍ର ସିଂ ଅଛନ୍ତି।

୨୦୨୩ ସିଲେକ୍ଟ ଲିଷ୍ଟରେ ସାମିଲ ଥିବା ଓଏଏସ୍ ଅଫିସରମାନଙ୍କୁ ଓଡ଼ିଶା କ୍ୟାଡ଼ର ଆଇଏଏସ୍ ଭାବେ ୨୦୧୪ ବ୍ୟାଚ୍ ଓ ୨୦୨୪ ସିଲେକ୍ଟ ଲିଷ୍ଟରେ ସ୍ଥାନିତ ଓଏଏସ୍ ଅଫିସରଙ୍କୁ ଓଡ଼ିଶା କ୍ୟାଡ଼ରର ଆଇଏଏସ୍ ଭାବେ ୨୦୧୫ ବ୍ୟାଚ ଆବଂଟନ ହେବ ବୋଲି ଜଣାପଡ଼ିଛି।

## ଆଜିଠୁ ଯୁକ୍ତ ୨ ଖାତା ଦେଖା

**ଭୁବନେଶ୍ୱର,୧।୪ :** ଆଜି ଠାରୁ +୨ ଖାତା ଦେଖା ଆରମ୍ଭ ହେବ। ମେ' ୧୫ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ଏକ ସଙ୍ଗେ ବାହାରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ଏପ୍ରିଲ ୨ ଠାରୁ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆରମ୍ଭ ହେବୟ ମେ ୧୫ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ।

## ଆଜି ଲୋକସଭାରେ ଆଗତ ହେବ ୱାକଫ୍ ବିଲ୍

**ନୂଆଦିଲ୍ଲୀ,୧।୪(ମହାଭାରତ):** ଦୀର୍ଘ ଦିନ ଧରି ତର୍କବିତର୍କ ପରେ ଆସନ୍ତାକାଲି ଲୋକସଭାରେ ୱାକଫ୍ ସଂଶୋଧନ ବିଧେୟକ ଉପରେ ଭୋଟିଂ ହେବ। ଏ ନେଇ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପୂରା ପ୍ରସ୍ତୁତି କରିସାରିଛି। ଏହା ପୂର୍ବରୁ ଆଜି ବିଜେପି ତିନି ଲାଇନ୍ ହ୍ୱିପ୍ ଜାରି କରି ନିଜର ସବୁ ସାଂସଦଙ୍କୁ ଉପସ୍ଥିତ ରହିବା ପାଇଁ କହିଛି। ସେହିପରି ବିରୋଧୀ ଦଳ ବିଲ୍ ବିରୋଧରେ ଭୋଟ୍ ଦେବାକୁ ଏକାଠି ହୋଇଛନ୍ତି। ସଂଶୋଧିତ ବିଲ୍ ଉପରେ ଗୃହରେ ଆଠ ଘଣ୍ଟାର ପ୍ରସ୍ତାବିତ ଚର୍ଚ୍ଚା ହେବ।

ପାର୍ଟି ଦ୍ୱାରା ଜାରି ହ୍ୱିପ୍‌ରେ କୁହାଯାଇଛି ଯେ ବୁଧବାର ଗୃହରେ ଅତି ଗୁରୁତ୍ୱପୂର୍ଣ୍ଣ ବିଧି କାର୍ଯ୍ୟ ଅଛି। ଏହାକୁ ପାରିତ କରାଇବା ପାଇଁ ସମସ୍ତେ ପାର୍ଟିର ସମର୍ଥନ କରିବେ ଓ ଭୋଟିଂ କରିବେ। ହ୍ୱିପରେ ସବୁ ସାଂସଦଙ୍କୁ ଦିନ ତମାମ ଗୃହରେ ଉପସ୍ଥିତ ରହିବା ପାଇଁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଲୋକସଭାରେ ବିଜେପିର ୨୪୦ ସାଂସଦ ଅଛନ୍ତି।ସରକାର ଜେଡିୟୁ ଓ ଟିଡିପି ନିର୍ଭର ଅଟନ୍ତି। ତେଣୁ ଏହି ବିଧେୟକକୁ ନେଇ କେଉଁ ଦଳର ଆଭିମୁଖ୍ୟ କଣ ରହୁଛି ତାହା ଉପରେ ସଭିଙ୍କ ନଜର ରହିଛି । ଏବେ ସୁଦ୍ଧା ଚିରାଗ ପାସୱାନଙ୍କ ପାର୍ଟି ଏହି ବିଧେୟକକୁ ଖୋଲାଖୋଲି ସମର୍ଥନ କରିନାହିଁ। ସେହିପରି ଜେଡିୟୁର ଆଭିମୁଖ୍ୟ ମଧ୍ୟ ସ୍ୱଷ୍ଟ ନାହିଁ। ଲଲନ୍ ସିଂହ କହିଛନ୍ତି ଯେ ଆମେ ଲୋକସଭାରେ ଆମର ଅଭିମୁଖ୍ୟ ସ୍ୱଷ୍ଟ କରିବୁ। ଏହି କାରଣରୁ ସସ୍‌ପେନ୍ସ ଅଧିକ ବଢିଛି। ଅନ୍ୟପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସରକାର ନିଜ ସହଯୋଗୀ ଦଳଙ୍କ ବ୍ୟତୀତ ବିରୋଧୀ ଦଳର କିଛି ସାଂସଦଙ୍କ ସମର୍ଥନ ହାସଲ କରିଛି। ସଂଶୋଧିତ ବିଲ୍ ଉପରେ ଗୃହରେ ୧୨ ଘଣ୍ଟା ଆଲୋଚନା ପାଇଁ ବିରୋଧୀ ଦଳ ପ୍ରସ୍ତାବ ରଖିଥିଲେ ହେଁ ବାଚସ୍ପତି ୮ ଘଣ୍ଟା ଆଲୋଚନା ପାଇଁ ରାଜି ହୋଇଥିଲେ। ଆଠ ଘଣ୍ଟାର ପ୍ରସ୍ତାବିତ ଚର୍ଚ୍ଚା ପରେ ସଂଖ୍ୟାଲଘୁ ମନ୍ତ୍ରୀ କିରେନ ରିଜିଜୁ ଉତ୍ତର ରଖିବେ।

## କଞ୍ଚା ଇଲିସି ମାଛ ବେସର

**ଆବଶ୍ୟକ ସାମଗ୍ରୀ:** ଇଲିସି ମାଛ, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, କଟା ରସୁଣ, ଅଦା ଓ ରସୁଣ ପେଷ୍ଟ, ବଟା ସୋରିଷ, ସୋରିଷ ତେଲ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ଓ କରି ପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଇଲିସି ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ତା'ପରେ ସେଥିରେ ଲୁଣ ଓ ହଳଦୀ ପକାଇ ଭଲ ଭାବେ ଗୋଳାଇ ରଖି ଦିଅନ୍ତୁ। କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଞ୍ଚା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହେବା ପରେ ଅଦା ଓ ରସୁଣ ପେଷ୍ଟ ଦିଅନ୍ତୁ। ତା'ସହିତ ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ରସୁଣ ପକାନ୍ତୁ । ଏହା ତରକାରୀର ସ୍ୱାଦକୁ ବଢ଼ାଇଥାଏ। ଟମାଟୋ ଓ କରି ପାଉଡର ପକାଇ ମସଲାକୁ କଷନ୍ତୁ। ମସଲା କଷି ହେବା ପରେ ବଟା ସୋରିଷ ପକାଇ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ଏହା ଫୁଟିବା ପରେ କଞ୍ଚା ଇଲିସି ମାଛକୁ ସେଥିରେ ପକାନ୍ତୁ ଓ କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ସ୍ୱାଦ ଅନୁସାରେ ଆପଣ ଏଥିରେ ଲୁଣ ପକାଇ ପାରିବେ। ମାଛ ସିଝିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ, ଧନିଆ ପତ୍ର ପକାନ୍ତୁ ଏବଂ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଞ୍ଚା ଇଲିସି ମାଛ ବେସର।



### ଖବର


## ଖୁବ୍ କମ ଟଙ୍କାରେ 'ସିକନ୍ଦର'ର ଷ୍ଟ୍ରିମିଂ ରାଇଟ୍ସ କିଣିଲା ନେଟଫ୍ଲିକ୍ସ



ବଲିଉଡର ସିକନ୍ଦର ସଲମାନ ଖାନ ପୁଣିଥରେ ଚର୍ଚ୍ଚାରେ। ତାଙ୍କ ଫିଲ୍ମ ସିକନ୍ଦର ଇଦ୍ ଅବସରରେ ମାର୍ଚ୍ଚ ୩୦ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମଟି ଏ.ଆର. ମୁର୍ଗଡୋସ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିବା ବେଳେ ଏବେ ଫିଲ୍ମର ଆୟ ସାମ୍ନାକୁ ଆସିଛି। ଥିଏଟର ପରେ, ଏହି ଫିଲ୍ମଟି ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ। ଏବେ ଫିଲ୍ମକୁ ନେଟଫ୍ଲିକ୍ସ କେତେ ଟଙ୍କାରେ କିଣିଛି ତାହା ସାମ୍ନାକୁ ଆସିଛି। ପ୍ରେକ୍ଷାଳୟରେ ଆଶାଠାରୁ କମ୍ ଆୟ କରିଥିବା ସିକନ୍ଦରକୁ ବହୁତ କମ ଦାମ୍ରେ କିଣିଛି ନେଟଫ୍ଲିକ୍ସ।

କୁହାଯାଉଛି ଯେ, ସିକନ୍ଦରର ଷ୍ଟ୍ରିମିଂ ରାଇଟ୍ସକୁ ନେଟଫ୍ଲିକ୍ସ ୮୫କୋଟି ଟଙ୍କାରେ କିଣିଛି। ଏହି ଡିଲ୍ ମାର୍ଚ୍ଚ ୨୦୨୫ରେ ହୋଇଥିଲା। ରିପୋର୍ଟ ଅନୁସାରେ, ଯଦି ସିକନ୍ଦର ବକ୍ସ ଅଫିସରେ ୩୫୦ କୋଟିରୁ ଅଧିକ ରୋଜଗାର କରେ, ତେବେ ଏହି ପରିମାଣ ୧୦୦ କୋଟି ଟଙ୍କାକୁ ବୃଦ୍ଧି ପାଇପାରେ। ଏପର୍ଯ୍ୟନ୍ତ ଚଳଚ୍ଚିତ୍ରଟି ଡିଜିଟାଲ୍, ସାଟେଲାଇଟ୍ ଏବଂ ମ୍ୟୁଜିକ୍ ରାଇଟ୍ସରୁ ୧୬୫-୧୮୦ କୋଟି ଟଙ୍କା ରୋଜଗାର କରିଛି। ଏଥିରେ, ସାଟେଲାଇଟ୍ ରାଇଟ୍ସ ଜୀକୁ ୫୦ କୋଟି ଟଙ୍କାରେ ଏବଂ ମ୍ୟୁଜିକ୍ ରାଇଟ୍ସ ଜୀ ମ୍ୟୁଜିକକୁ ୩୦ କୋଟି ଟଙ୍କାରେ ବିକ୍ରି କରାଯାଇଛି। ସିକନ୍ଦରର ବଜେଟ୍ ପ୍ରାୟ ୨୦୦ କୋଟି ଟଙ୍କା ଥିବା ବେଳେ ପ୍ରେକ୍ଷାଳୟରେ ଫିଲ୍ମଟି ଏହାଠାରୁ ଅଧିକ ଆୟ କରିପାରିବ ନା ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି।ସିକନ୍ଦରର ଷ୍ଟ୍ରିମିଂ ରାଇଟ୍ସକୁ ନେଟଫ୍ଲିକ୍ସ ୮୫କୋଟି ଟଙ୍କାରେ କିଣିବା ପରେ ସଲମାନଙ୍କ ଷ୍ଟାର ପାୱାର ଅନୁସାରେ ମୂଲ୍ୟ କମ୍ ବୋଲି ଚର୍ଚ୍ଚା ହେଉଛି। କାରଣ ପ୍ରଭାସଙ୍କ କଳ୍କି ୨୮୯୮ଏଡିର ଓଟିଟି ରାଇଟ୍ସ ୩୭୫କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଯବାନର ଡିଜିଟାଲ ରାଇଟ୍ସକୁ ନେଟଫ୍ଲିକ୍ସ ୨୫୦କୋଟି ଟଙ୍କାରେ କିଣିଥିଲା। ସେହିଭଳି ସାଲାର ଚଳଚ୍ଚିତ୍ରର ଓଟିଟି ରାଇଟ୍ସ ୧୬୨ କୋଟି ଟଙ୍କାରେ ବିକ୍ରି ହୋଇଥିଲା।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

## ଘରେ ଲାଗିଥିବା ବୁଢିଆଣି ଜାଲକୁ ସଫା କରନ୍ତୁ



ଘରକୁ ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତ ସଫା କରିବା ଉଚିତ। ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ। ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ ପଡିଥାଏ ,ଯେପରିକି

୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ। ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ। ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ।

୨. ଯେଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ।

୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ ।

୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆ।ଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ ହାସଲ ହୋଇଥାଏ।

୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ। ନଚେତ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ।

## କର୍ମଦୋଷରୁ ଆୟୁଷ ହାନି ହୋଇଥାଏ



ଲଙ୍କାପତି ରାବଣ ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ଭୂମିରେ ପଡ଼ି ଛଟପଟ ହେଉଥିଲା । ସେତିକିବେଳେ ପ୍ରଭୁ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ତାଙ୍କ ନିକଟକୁ ପଠାଇଥିଲେ କହିଲେ, 'ଜଣେ ମହାଜ୍ଞାନୀଙ୍କର ମହାପ୍ରୟାଣ ହେବାକୁ ଯାଉଛି । ଯଦି କିଛି ରାଜଧର୍ମ ଶିଖିବାର ଅଛି ତେବେ ତାଙ୍କ ପାଖକୁ ଯାଅ ଏବଂ ସେ କହୁଛନ୍ତି ଶୁଣ ।ଲକ୍ଷ୍ମଣ ବଡ଼ଭାଇଙ୍କ ଆଦେଶ ପାଳନ କରି ରାବଣ ପାଖକୁ ଗଲେ । ଜୀବନର ଶେଷ ସମୟରେ ରାବଣ ମନେ ମନେ ଲକ୍ଷ୍ମଣଙ୍କ ଭଳି ଆଚରଣସିଦ୍ଧ ଲୋକଙ୍କୁ ଖୋଜୁଥିଲା । ରାବଣ ଓ ଲକ୍ଷ୍ମଣଙ୍କ ଭିତରେ ଫରକ ହେଉଛି ରାବଣ ଯୋଦ୍ଧା ଥିଲେ କିନ୍ତୁ ଆଚରଣସିଦ୍ଧ ନ ଥିଲେ । ଅନ୍ୟପକ୍ଷରେ ଲକ୍ଷ୍ମଣ ଥିଲେ ଯୋଦ୍ଧା ଓ ଆଚରଣସିଦ୍ଧ । ରାବଣ କହିଲା, 'ମୁଁ ଯେତେବେଳେ ଯାହା ଚାହିଁଛି ପାଇଛି, କିନ୍ତୁ ପ୍ରଜାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତିନିଟି କଥା ପୂରଣ କରିପାରିଲି ନାହିଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଲଙ୍କା ନଗରରୀର ଚାରିପାଖକୁ ଲାଗି ରହିଥିବା ସମୁଦ୍ରପାଣିକୁ ମିଠା କରିବା। ଦ୍ୱିତୀୟ ହେଉଛି ଯେଉଁମାନେ ପୃଥିବୀରେ ରହି ନରକ ଯନ୍ତ୍ରଣା ଭୋଗୁଛନ୍ତି ସେମାନଙ୍କୁ ସ୍ୱର୍ଗସୁଖ ଦେବା ଏବଂ ତୃତୀୟଟି ହେଉଛି ଲଙ୍କାପୁରରୁ ସ୍ୱର୍ଗପୁର ପର୍ଯ୍ୟନ୍ତ ନିଶୁଣି ପକାଇବା । ରାବଣର କଥାଗୁଡ଼ିକ ଲକ୍ଷ୍ମଣ ବଡ଼ ଭାଇ ରାମଚନ୍ଦ୍ରଙ୍କୁ କହିଲେ । ରାମଚନ୍ଦ୍ର ଶୁଣି ହସିଲେ ଆଉ କହିଲେ 'ଶେଷ ସମୟରେ ଯାହା କୁହାଯାଏ ତାହା ପଶ୍ଚାତାପ ରାବଣ ଯଦି ଭଲକାମ କରିବାକୁ ଚାହୁଁଥିଲା ଆଗୁଆ ନାହିଁ କାହିଁକି ? ରାବଚନ୍ଦ୍ର କହିଲେ "ରାବଣ ଭଲ କାମଗୁଡ଼ିକୁ ଆଜି କରିବି କାଲି କରିବି କହି ଖରାପ କାମଗୁଡ଼ିକୁ କରି ଚାଲିଲା। ତେଣୁ ତାର ଆୟୁଷ ହାନି ଘଟିଲା ଆଉ କର୍ମଦୋଷରୁ ଆଜି ତାର ଏ ଅବସ୍ଥା" ସେ ଭଲ କାମଗୁଡ଼ିକୁ ଆଗେ କରିଥିଲେ ହୁଏତ ଏତେ ଶୀଘ୍ର ମରି ନ ଥା'ନ୍ତା ।ଗଳ୍ପର ସାରମର୍ମ ହେଉଛି... କର୍ମଦୋଷରୁ ମଣିଷ ନିଜର ଆୟୁଷହାନି କରିଥାଏ । ରାବଣ ରାମଙ୍କ ବାଣରେ ମରିବାରୁ ତାଙ୍କର ମୋକ୍ଷପ୍ରାପ୍ତି ହେଲା ଏହା ସତ୍ୟ । କିନ୍ତୁ କୁକର୍ମ ପାଇଁ ତାକୁ ଶୀଘ୍ର ମରିବାକୁ ପଡ଼ିଲା । ରାବଣ ଉପରେ ଦେବ, ଦାନବ, ମାନବ ଏମିତି ଶହ ଶହ ଅଭିଶାପରେ ଅଭିଶପ୍ତ ହୋଇ ରହିଥିଲା ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ, ମହାଶାସ୍ତ୍ରୀ । ସେ ଥିଲା ପ୍ରଜାବତ୍ସଳ । ରାବଣର ରାଜତ୍ୱକାଳରେ ଲଙ୍କା ଥିଲା ସୁବର୍ଣ୍ଣନଗରୀ। ଏତେ ସବୁ ଗୁଣ ଥାଇ ମଧ୍ୟ ତାଙ୍କର ଅପମୃତ୍ୟୁ ଘଟିଥିଲା । ରାବଣର ଗର୍ବ, ଅହଙ୍କାର ଆଉ ଦୌରାତ୍ମ୍ୟ ଏତେ ବଢ଼ି ଯାଇଥିଲା ଯେ ସ୍ୱୟଂ ଭଗବାନ ତାକୁ ମାରିବାକୁ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ଜ୍ଞାନ ଓ ପାଣ୍ଡିତ୍ୟର ଅହଂକାର ରାବଣକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲେ । ସେଥିପାଇଁ କୁହାଯାଏ 'ଅତିଗର୍ବେ ହତ ଲଙ୍କା' ଅର୍ଥାତ୍, ରାବଣ ଏକ ଅମାନବୀୟ ଗୁଣ ଓ ଚରିତ୍ରର ଅଧିକାରୀ। ରାବଣ ଅହଙ୍କାରୀ ଥିଲା । ତାଙ୍କ କଥା ଓ କାମରେ ସନ୍ତୁଳନ ନ ଥିଲା। ସେ ବଡ଼ ଅଳସୁଆ ମଧ୍ୟ ଥିଲା। ରାମରାଜ୍ୟ ଓ ରାବଣରାଜ୍ୟ ଭିତରେ ଫରକ୍ ହେଉଛି ରାବଣ ରକ୍ତପାତ କରି ସାମ୍ରାଜ୍ୟ ବଢ଼ାଇବାକୁ ଚାହୁଁଥିଲେ । କିନ୍ତୁ ରାମଚନ୍ଦ୍ର ସମସ୍ତଙ୍କର ମଙ୍ଗଳ କରିବା ପାଇଁ ଚାହୁଁଥିଲେ। ସାରା ବିଶ୍ୱବାସୀଙ୍କ ମଙ୍ଗଳ ଚିନ୍ତା କରିବା ଓ ଶାନ୍ତି ସ୍ଥାପନ ପଥରେ ଅଗ୍ରସର ହେବା ଅସଲ ମଣିଷପଣିଆ ।

## ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ

ଅନେକ ସମୟରେ ଘରେ କଳହ ତଥା ଅଶାନ୍ତି ଦେଖା ଦେଇଥାଏ। ପରସ୍ପର ମଧ୍ୟରେ କଳି ଝଗଡା ଲାଗି ରହିବା ସହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହା ବାସ୍ତୁ ଦୋଷରୁ ହୋଇଥାଏ ବୋଲି କେହି କେହି ଚିନ୍ତା କରିଥାନ୍ତି। ଜ୍ୟୋତିର୍ବିଦଙ୍କ ମତ ଅନୁସାରେ ଗଣେଶ ଭଗବାନଙ୍କୁ ଘରେ ସ୍ଥାପନା କରି ପୂଜା କରିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। କିନ୍ତୁ ଘରର କେଉଁ ସ୍ଥାନରେ ଗଣେଶ ଭଗବାନଙ୍କ ମୂର୍ତ୍ତି ରଖିବେ ଏବଂ କେଉଁ ବିଧି ଅନୁସାରେ ପୂଜା କରିବା ତାହା ଜାଣିବା ଅତ୍ୟନ୍ତ ଜରୁରୀ ଅଟେ।



- ☐ ପୂଜା ସ୍ଥାନରେ ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ।
- ☐ ବାମ ପଟକୁ ଶୁଣ୍ଢ ଥିବା ଗଣେଶ ମୂର୍ତ୍ତି ଘରେ ରଖନ୍ତୁ।
- ☐ ୧୨ ଆଙ୍ଗୁଳି ଉଚ୍ଚତା ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଘରେ ରଖନ୍ତୁ ନାହିଁ।
- ☐ ପୀତବର୍ଣ୍ଣର ମୂର୍ତ୍ତି ଘରେ ରଖିବା ସବୁଠୁ ଉତ୍ତମ ଅଟେ।
- ☐ କେବେ ବି ଗଣେଶଙ୍କୁ ତୁଳସୀ ଜଳ ଅର୍ପଣ କରନ୍ତୁ ନାହିଁ।
- ☐ ଆସନ୍ତୁ ଜାଣିବା ଘରର କେଉଁ ସ୍ଥାନରେ କିପରି ମୂର୍ତ୍ତି ରଖିବେ।
- ☐ ପିଲାଙ୍କ ପାଠ ଘରେ ହଳଦିଆ ବା ଫିକା ସବୁଜ ରଙ୍ଗର ଗଣେଶ ମୂର୍ତ୍ତି ରଖନ୍ତୁ।
- ☐ ବେଡ୍‌ରୁମରେ ଗଣେଶ ମୂର୍ତ୍ତି ରଖନ୍ତୁ ନାହିଁ।
- ☐ ଘରର ମୁଖ୍ୟ ଦ୍ୱାରର ଭିତର ପଟରେ ଗଣେଶ ଫଟୋ ଲଗାନ୍ତୁ।
- ☐ ପୂଜା ସ୍ଥାନରେ ହଳଦିଆ ରଙ୍ଗର ଗଣେଶ ପ୍ରତିମା ରଖି ପୂଜା କରନ୍ତୁ।
- ☐ ପ୍ରତିଦିନ ସକାଳେ ଗଣେଶଙ୍କୁ କ୍ଷୀର ଅର୍ପଣ କରନ୍ତୁ।

# ଜୟଦେବ ଭବନରେ ରାଜ୍ୟସ୍ତରୀୟ ଓଡିଶା ଦିବସ

ଭୁବନେଶ୍ୱର,୧।୪ (ମହାଭାରତ): ଏପ୍ରିଲ ୧ ତାରିଖ ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ ଦିବସ। ଓଡ଼ିଆ ଭାଷାଭିତ୍ତିରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଜନ୍ମଲାଭ କରିଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବାର୍ତ୍ତା ଦେଇ ୧୯୩୬ ମସିହାର ଆଜିର ଦିବସରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା । ଯେତେବେଳେ ଭାରତର ଅନ୍ୟ ଅଞ୍ଚଳରେ ଭାଷା ଭିତ୍ତିରେ ରାଜ୍ୟଗଠନ କଥା ଚିନ୍ତା କରିନଥିଲେ ସେତେବେଳେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଢି ତୋଳିବାକୁ ଓଡ଼ିଆ ପୁନର୍ବାର ଆନ୍ଦୋଳନ ଚଳାଇ ଇତିହାସ ସୃଷ୍ଟି କରିଥିଲା ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦଘାଟନ କରି କହିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଲେ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ତ୍ୟାଗ, ବୀରତ୍ୱ ଏବଂ ଗୌରବୋଜ୍ଜ୍ୱଳ କାହାଣୀରେ ପରିପୂର୍ଣ୍ଣ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ପାଇଁ ଉତ୍କଳ ସମ୍ମିଳନୀର ନିରବଚ୍ଛିନ୍ନ ସଂଗ୍ରାମ ଏବଂ ଉତ୍କଳ କୁଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଗଙ୍ଗାଧର ମେହେର, ହରିହର ମର୍ଦ୍ଦରାଜ ଦେବ, ପଣ୍ଡିତ ନୀଳକଣ୍ଠ ଦାସ, କବିବର



ରାଧାନାଥ, କର୍ମବୀର ଗୌରୀଶଙ୍କର, ମଧୁସୂଦନ ରାଓ, ନୀଳମଣି ବିଦ୍ୟାରତ୍ନ, ବାଗ୍ମୀ ବିଶ୍ୱନାଥ କର, ଡ଼କ୍ଟର ହରେକୃଷ୍ଣ ମହତାବ ପ୍ରମୁଖ ବରପୁତ୍ରମାନଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳ ସ୍ୱରୂପ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିପାରିଛୁ । ସେମାନଙ୍କର ନୀତି, ଆଦର୍ଶ ଓ ଜାତିଭକ୍ତି ଆମର ଅନୁକରଣୀୟ । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ବୀରତ୍ୱର କାହାଣୀ ଓଡ଼ିଆ ଜାତିକୁ ଗୌରବ ମଣ୍ଡିତ କରିଛି । ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷ ପାଇଁ ବିଶ୍ୱ ଦରବାରରେ ଆମର ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶା ପ୍ରଗତି ଓ ପରମ୍ପରାରେ ସବୁବେଳେ ବିଶ୍ୱାସ ରଖିଆସିଛି । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ବଳ ଓ ଦକ୍ଷ ମାନବସମ୍ବଳର ଉପଯୋଗରେ ଆମ ରାଜ୍ୟ ଏକ ପ୍ରଗତିଶୀଳ ଅଗ୍ରଣୀ ରାଜ୍ୟର ମାନ୍ୟତା ଲାଭ କରିଛି । ସମସ୍ତ କ୍ଷେତ୍ରରେ ପ୍ରଗତି ଆଣି ଆଜି ଓଡ଼ିଶା ବିଶ୍ୱ ଦରବାରରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଧାନ ସଭାର ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର ) ବିଧାୟକ ବାବୁ ସିଂ ସେମାନଙ୍କ ବକ୍ତ୍ୟବରେ କହିଥିଲେ ଯେ ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓ ନିଃସ୍ୱାର୍ଥପର ନେତୃତ୍ୱ, ତ୍ୟାଗ ଓ ସାଧନାର ଫଳସ୍ୱରୂପ ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଛି । ଏହି ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ଯେଉଁ ବରପୁତ୍ରମାନଙ୍କର ନିଷ୍ଠାପର ଅବଦାନ ରହିଛି ସେମାନଙ୍କୁ ଏ ଜାତି ସବୁଦିନେ ସ୍ମରଣ କରୁଥିବ । ଏ ମାଟି ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିବା ସହ ଆମ ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ ।

# ଡ. ପ୍ରଜ୍ଞା ପରମିତା ମିଶ୍ର ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ

ଭୁବନେଶ୍ୱର,୧।୪ (ମହାଭାରତ): ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରରେ ନେତୃତ୍ୱ ପରିବର୍ତ୍ତନର ଘୋଷଣା କରାଯାଇଛି । ଫିକି ଏଫଏଲଓର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀମତୀ ପୁନମ ଶର୍ମା ଆନୁଷ୍ଠାନିକ ଭାବେ ଡ. ପ୍ରଜ୍ଞା ପରମିତା ମିଶ୍ରଙ୍କୁ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ମହିଳା ଉଦ୍ୟୋଗୀ ଏବଂ ପେସାଦାରମାନଙ୍କୁ ସଶକ୍ତ କରିବା ପାଇଁ ଫିକି ଏଫଏଲଓର ପ୍ରତିବଦ୍ଧତାକୁ ଜାରି ରଖି ଡକ୍ଟର ପ୍ରଜ୍ଞାଙ୍କ ନେତୃତ୍ୱ ଏହି ଅଧ୍ୟାୟରେ ନୂତନ ଦୃଷ୍ଟିକୋଣ ଏବଂ ଅଭିନବ ଚିନ୍ତାଧାରା ଆଣିବ ବୋଲି ଆଶା କରାଯାଉଛି । ଭୁବନେଶ୍ୱରରେ ଫିକି ଏଫଏଲଓର ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାକୁ ସୁନିଶ୍ଚିତ କରିବା ଦିଗରେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମେ ଡ. ପ୍ରଜ୍ଞାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ତାଙ୍କ ନେତୃତ୍ୱରେ ରୋମାଂଚକର ନୂତନ ପଦକ୍ଷେପ ଏବଂ ସହଯୋଗକୁ ଅପେକ୍ଷା କରିଛୁ । ଏହି ଯାତ୍ରା ଆରମ୍ଭ କରିବା ଅବସରରେ ଡକ୍ଟର ପ୍ରଜ୍ଞାନଙ୍କୁ ଶୁଭେଚ୍ଛା ଏବଂ



ଶ୍ରୀମତୀ ପୁନମ ଶର୍ମାଙ୍କୁ ତାଙ୍କର ଆଦର୍ଶ ନେତୃତ୍ୱ ଏବଂ ସମର୍ପଣ ପାଇଁ ହୃଦୟରୁ ଧନ୍ୟବାଦ । ଭୁବନେଶ୍ୱରରେ ଫିକି ଏଫଏଲଓର ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାକୁ ସୁନିଶ୍ଚିତ କରିବା ଦିଗରେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପୟ ଆମେ ଡ. ପ୍ରଜ୍ଞାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ତାଙ୍କ ନେତୃତ୍ୱରେ ରୋମାଂଚକର ନୂତନ ପଦକ୍ଷେପ ଏବଂ ସହଯୋଗକୁ ଅପେକ୍ଷା କରିଛୁ । ଏହି ଯାତ୍ରା ଆରମ୍ଭ କରିବା ଅବସରରେ ଡକ୍ଟର ପ୍ରଜ୍ଞାଙ୍କୁ ଶୁଭେଚ୍ଛା ଏବଂ ଶ୍ରୀମତୀ ପୁନମ ଶର୍ମାଙ୍କୁ ତାଙ୍କର ଆଦର୍ଶ ନେତୃତ୍ୱ ଏବଂ ସମର୍ପଣ ପାଇଁ ହୃଦୟରୁ ଧନ୍ୟବାଦ ।

# କୀଟ ଉପରେ ଗବେଷଣା ନିମନ୍ତେ ବୁଝାମଣା

ଭୁବନେଶ୍ୱର,୧।୪ (ମହାଭାରତ): କୀଟରୁ ପ୍ରସ୍ତୁତ ହେଉଥିବା ଉଦ୍ୟୋଗିକ ଉତ୍ପାଦ ଉପରେ ମିଳିତ ଗବେଷଣା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ଇନ୍‌ସେକ୍ଟିକା ବାୟୋଟେକ୍ ପ୍ରାଇଭେଟ ଲିମିଟେଡ୍ (ଆଇବିପିଏଲ୍) ମଧ୍ୟରେ ଏଠାରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଆଇବିପିଏଲ୍ କୀଟ ପତଙ୍ଗମାନଙ୍କ ଉପରେ ଗବେଷଣା କରି ବିଶ୍ୱ ତାପମାନ ବୃଦ୍ଧି ତଥା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଆବର୍ଜନାକୁ ପୁନର୍ବ୍ୟବହାର କରି ପରିବେଶ ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରଖିଛି । ଏହି ବୁଝାମଣା ପତ୍ର ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆଇବିପିଏଲ୍‌ର ନିର୍ଦ୍ଦେଶକ ଅରୁଣ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଆଇବିପିଏଲ୍‌ର ବୈଜ୍ଞାନିକମାନେ ବ୍ଲାକ ସୋଲ୍‌ଜର ଫ୍ଲାଇ ବା କଳା ସେନାପତି ମାଛି ଉପରେ ଗବେଷଣା ଜାରି ରଖିଛନ୍ତି ଯେପରି ଏହାର ପ୍ରତିପାଳନ ଓ ଚାଷ ଦ୍ୱାରା କୀଟରୁ ପୁଷ୍ଟିସାର ଓ ତୈଳ ଉତ୍ପାଦନ ହୋଇପାରିବ । ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଆଇବିପିଏଲ୍‌ର ଏହି କ୍ଷେତ୍ରରେ ଗବେଷଣା ଜାରି ରଖିବା ସହ ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଦେଶର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ସହ ସମ୍ପର୍କ ସ୍ଥାପନ କରି କାର୍ଯ୍ୟ କରିବେ । କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ସୋଆ ପରିଚାଳିତ ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଏଚ୍.ଏନ. ଥାଟୋଇ, ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା, ଆଇବିପିଏଲ୍‌ର ପ୍ରଫେସର ସସ୍ମିତା ମହାନ୍ତି, ସିଆଇବିଆରର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଅମ୍ରିତା ବାନାର୍ଜୀ, ଆସିଷ୍ଟାଂଟ ପ୍ରଫେସର ସୌରଭ ଚଟ୍ଟୋରାଜ ଆଇବିପିଏଲ୍‌ର ନିର୍ଦ୍ଦେଶକ ଡକ୍ଟର କମଲେଶ ମିଶ୍ର, ରିସର୍ଚ୍ଚ ହେଡ ଡକ୍ଟର ଚିନ୍ମୟୀ ଆଚାର୍ଯ୍ୟ ଓ ଏଚଆର ବିଭାଗର ସନ୍ତୋଷ ବିଶ୍ୱାଳ ଉପସ୍ଥିତ ଥିଲେ ।

# ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୧।୪ (ମହାଭାରତ): ହସ୍ତଶିଳ୍ପ ଓ ହସ୍ତତନ୍ତର ସୁରକ୍ଷା ଓ ସମୃଦ୍ଧି ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି । ସୋମବାର ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଆୟୋଜିତ ୧୯ତମ ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଆମ ଦେଶର ଅତୁଳନୀୟ କଳାତ୍ମକ ଐତିହ୍ୟର ପ୍ରମାଣ, ଯାହା ଶତାବ୍ଦୀ ଶତାବ୍ଦୀର ପରଂପରା, କୌଶଳ ଏବଂ ସାଂସ୍କୃତିକ ବିବିଧତାକୁ ପ୍ରତିଫଳିତ କରିଥାଏ । ଭାରତର ବିଭିନ୍ନ ଅଂଚଳର ନିଜସ୍ୱ ସ୍ୱତନ୍ତ୍ର କରିଗରୀ ରହିଛି । ଏହି କାରିଗରୀ କେବଳ ଉତ୍ପାଦ ନୁହେଁ, ଏଗୁଡ଼ିକ ଇତିହାସ, ଭକ୍ତି ଏବଂ ମୌଳିକତା ସହିତ ଜଡିତ । ଯେତେବେଳେ ଯାନ୍ତ୍ରିକ ଉତ୍ପାଦନ ବଜାର ଉପରେ ପ୍ରଭାବ ପକାଇଥାଏ, ଆମର ହସ୍ତଶିଳ୍ପ ସଂପଦ ପ୍ରାମାଣିକତା, ସ୍ୱତନ୍ତ୍ରତା ଏବଂ ଅନନ୍ୟ ସୌନ୍ଦର୍ଯ୍ୟର ପ୍ରତୀକଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ କହିଥିଲେ । ତୋଷାଳୀ ମେଳା ପରଂପରା, ନବସୃଜନ ଏବଂ କାରିଗରୀର ମଂଚ ପାଲଟିଛି ଏବଂ ଦେଶର ସମୃଦ୍ଧ ହସ୍ତଶିଳ୍ପ ଐତିହ୍ୟର ସର୍ବୋତମ ଗରିମା ପ୍ରଦର୍ଶନ ପାଇଁ ୨୧ ଟି ରାଜ୍ୟର କାରିଗର ଏବଂ



ବୁଣାକାର ଏକତ୍ରିତ ହେବା ଖୁସି ଓ ଗର୍ବର କଥା ବୋଲି ରାଜ୍ୟପାଳ କହିଥିଲେ । ଏହି ମେଳା ଆମର କାରିଗରମାନଙ୍କୁ ସେମାନଙ୍କର ଦକ୍ଷତା ଓ କୌଶଳ ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରିବା ସହ ପାରସ୍ପରିକ ଭାବ ବିନିମୟ, ଜ୍ଞାନ ଆଦାନ ପ୍ରଦାନ ତଥା ବଜାର ସୃଷ୍ଟି କରିବାର ଅବସର ଆଣିଛି ବୋଲି କହିଥିଲେ । ଥିମ ପାଭିଲିୟନ "ଶିଳ୍ପ ସୃଜନୀ"ରେ ପ୍ରଦର୍ଶିତ ସାମଗ୍ରୀରେ କାରିଗର ଓ ବୁଣାକାରଙ୍କ କୁଶଳୀ ହାତର ସୃଜନ ଖୁବ୍ ଚମତ୍କାର ଭାବେ ଫୁଟି ଉଠିଛି ବୋଲି ରାଜ୍ୟପାଳ ପ୍ରକାଶ କରିବା ସହ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହସ୍ତତନ୍ତ, ବୟନ, ହସ୍ତଶିଳ୍ପର ଉନ୍ନତି ତଥା ଶିଳ୍ପୀ, କାରିଗର ଓ ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ, ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସଂପର୍କରେ ରାଜ୍ୟପାଳ ଆଲୋକପାତ କରିବା ସହ ଏହି ସୁଯୋଗର ସଦୁପଯୋଗ କରିବାକୁ ହିତାଧିକାରୀମାନଙ୍କୁ ଆହ୍ୱାନ ଜଣାଇଥିଲେ । ରାଜ୍ୟପାଳ କହିଥିଲେ ଯେ ଆମର କଳା ପରଂପରାକୁ ସୁରକ୍ଷା ଦେବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ, ଆମ ପ୍ରତ୍ୟେକଙ୍କର ଭୂମିକା ରହିଛି । ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ କ୍ରୟ କେବଳ ଏକ କାରବାର ନୁହେଁ, ଏହା ଜଣେ ବୁଣାକାର ଓ କାରିଗରଙ୍କ ପ୍ରତି ଶ୍ରଦ୍ଧା, ସମର୍ପଣ, ସଂସ୍କୃତିର ସୁରକ୍ଷା ଏବଂ ଆଗାମୀ ପୀଢ଼ି ପାଇଁ ପରଂପରାକୁ ବଜାୟ ରଖିବା ପ୍ରତି ଆମ ଅଙ୍ଗୀକାରବଦ୍ଧତାର ପରିଚୟ ବୋଲି ରାଜ୍ୟପାଳ କହିବା ସହିତ ହସ୍ତତନ୍ତ ଓ ହସ୍ତଶିଳ୍ପର ଉତ୍କର୍ଷତାକୁ ବଜାୟ ରଖିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଜଣାଇଥିଲେ ।

କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କହିଥିଲେ ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ସଂସ୍କୃତିର ବାର୍ତ୍ତାବହ, ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ମୁକେଶ ମହାଲିଙ୍ଗଙ୍କ ସମସ୍ତ ସାର୍ଟିଫିକେଟ୍ ମିଛ

ଭୁବନେଶ୍ୱର,୧।୪ (ମହାଭାରତ): ବିଜେପି ନେତା ତଥା ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ବିରୋଧରେ କଂଗ୍ରେସ ଆଣିଲା ଅଭିଯୋଗ । ମୁକେଶ ମହାଲିଙ୍ଗଙ୍କ ସମସ୍ତ ସାର୍ଟିଫିକେଟ ମିଛ ବୋଲି କଂଗ୍ରେସ ଅଭିଯୋଗ ଆଣିଛି । ମିଛ ଜାତିଗତ ପ୍ରମାଣ ପତ୍ର ଦେଇ ସେ ଚାକିରୀ କରିଛନ୍ତି । ପାଠ ପଢା ସହ ଚାକିରୀ କରି ଲୋକଙ୍କୁ ଭୁଆଁ ବୁଲାଇଛନ୍ତି । ବିଧାନସଭାରେ ମନ୍ତ୍ରୀଙ୍କ ବ୍ୟବହାର ଲଜ୍ୟାଜନକ । ବଲାଂଗୀର ଜିଲା ତାଙ୍କ ପାଇଁ ନିନ୍ଦା ପାଇଛି । ମନ୍ତ୍ରୀ ଅସଭ୍ୟ ଭାଷାରେ ବିଧାନସଭାରେ ଗାଳି ଗୁଲଜ କରିଛନ୍ତି, ସେ ଅଭଦ୍ରାମି କାହାକୁ କରିଛନ୍ତି ତାର ଉତ୍ତର ରଖନ୍ତୁ,



ବାଚସ୍ପତି କାହିଁକି ଆକ୍ସନ ନେଲେ ନାହିଁ ତାର ଉତ୍ତର ମଧ ରଖିବା ଆବଶ୍ୟକ । ଫେକ କାଷ୍ଟ ସାର୍ଟିଫିକେଟ ରହିଛି । ମୁକେଶ ମହାଲିଙ୍ଗ ତାଙ୍କର ଜାତିଗତ ପ୍ରମାଣ ମିଛ ଦେଇଛନ୍ତି । ସ୍କୁଲ, କଲେଜ ଓ ଚାକିରୀ ସମୟରେ ମୁକେଶ ମହାଲିଙ୍ଗ ଦେଇଥିବା ଜାତିଗତ ପ୍ରମାଣ ସତ ନୁହେଁ ବୋଲି କଂଗ୍ରେସ ଆଣିଛି ଅଭିଯୋଗ । ଆର ଡିସି ଏ ନେଇ ସମନ କରିଥିଲେ ହେଁ ଜଣେ ମନ୍ତ୍ରୀ ହୋଇବି ସେ ସେଠିକି ଯାଇନଥିଲେ । ଯଦି ଜାତି ପ୍ରମାଣ ପତ୍ର ଭୁଲ ତେବେ ତାହା କ୍ରିମିନାଲ ଅଫେନ୍ସ ବୋଲି ଧରାଯିବ । ଦଳିତ ମାନେ ଏହି ଭଳି ମନ୍ତ୍ରୀ ମାନଙ୍କ ପାଇଁ ବଞ୍ଚିତ । ସମାଜସେବୀ ତଥା ଦଳିତ ନେତା ଡିଙ୍ଗର କୁମାର ଯିଏ ଏ ବାବଦରେ କମ୍ପ୍ଲେନ କରିଛନ୍ତି ସେ କହିଛନ୍ତି ୧୯୭୮ ମସିହାରୁ ସ୍କୁଲ ପାଠ ପଢ଼ାରେ ମୁକେଶ ମହାଲିଙ୍ଗ ମିଛ ସାର୍ଟିଫିକେଟ ଦେଇ ପାଠ ପଢା, ଚାକିରୀ କରିଛନ୍ତି । ଏ ନେଇ କଂଗ୍ରେସ ଇଲେକ୍ସନ କମିଶନଙ୍କୁ ମଧ ଭେଟି ଜବାବ ତଲବ ମାଗିବ ବୋଲି କହିଛି କଂଗ୍ରେସ ।

# ଓଡ଼ିଶା ଜୀବିକା ମିଶନ ଦ୍ୱାରା ୪ ଲକ୍ଷ ପରିବାର ଅନ୍ତର୍ଭୁକ୍ତ

ଭୁବନେଶ୍ୱର,୧।୪ (ମହାଭାରତ): ଦୀନଦୟାଳ ଅନ୍ତୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଭାରତ ସରକାରଙ୍କର ଏକ ମହତ୍ୱାକାଂକ୍ଷୀ ପ୍ରମୁଖ ଯୋଜନା, ଯାହା ୨୦୧୨ ମସିହା ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି ଗ୍ରାମୀଣ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ଏକ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହନ ଦେଇ, ସାମାଜିକ ଅନ୍ତର୍ଭୁକ୍ତିକରଣକୁ ବୃଦ୍ଧି ଏବଂ ସାଂଗଠନିକ ଗୋଷ୍ଠୀ ଢାଞ୍ଚା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରେ ଗରିବ ଲୋକଙ୍କ ପାଇଁ ସୁପରିଚାଳିତ ଏବଂ ଆର୍ଥିକ ଭାବେ ସ୍ଥାୟୀ ଜୀବନ ଜୀବିକା ଯୋଗାଇ ଦେଇ, ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଏବଂ ଜୀବିକା ସହାୟତା ପ୍ରଦାନ କରିବା ।

ସୁଦୃଢ ସାମୁହିକ ମଞ୍ଚ ଗରିବ ପରିବାର ଗୁଡ଼ିକୁ ସଶକ୍ତ କରିଥାଏ ଏବଂ ସେମାନଙ୍କୁ ନିଜର ସାମାଜିକ, ଆର୍ଥିକ ଏବଂ ଅନ୍ୟାନ୍ୟ ସମ୍ପଦ ଗଢ଼ି ତୋଳିବାରେ ସକ୍ଷମ କରିଥାଏ । ଏହା ସେମାନଙ୍କୁ ସେମାନଙ୍କ ଅଧିକାର, ଏବଂ ଜୀବିକା ସୁଯୋଗ, ସେବା (ସରକାରୀ ଏବଂ ବେସରକାରୀ କ୍ଷେତ୍ରରୁ) ପ୍ରାପ୍ତ କରିବାରେ ସହାୟତା କରିଥାଏ । ସାମାଜିକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟା ଗରିବଙ୍କ ଏକତା, ସ୍ୱର ଏବଂ କ୍ଷମତାକୁ ବୃଦ୍ଧି କରିଥାଏ । ଏହି ପ୍ରକ୍ରିୟା ସେମାନଙ୍କୁ ନିଜର ସମ୍ପଦ, ଦକ୍ଷତା ଏବଂ ପସନ୍ଦ ଆଧାରରେ ସ୍ଥାୟୀ ଜୀବିକା ଗ୍ରହଣ କରିବାକୁ ସକ୍ଷମ କରିଥାଏ ଫଳସ୍ୱରୂପ, ସେମାନେ ଅତ୍ୟଧିକ ଦାରିଦ୍ର୍ୟତାରୁ ମୁକ୍ତି ପାଇଥାନ୍ତି ଏବଂ ପୁନର୍ବାର ଗରିବୀକୁ ଫେରି ନଥାନ୍ତି । ଏନ୍‌ଆର୍‌ଏଲ୍‌ଏମ୍ ନିଶ୍ଚିତ କରିଥାଏ ଯେ ପ୍ରତ୍ୟେକ ଗ୍ରାମୀଣ ଗରିବ ପରିବାରରୁ



ଅତି କମ୍‌ରେ ଜଣେ ମହିଳା ସଦସ୍ୟ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ନେଟୱାର୍କ ଅଧୀନକୁ ଅଣାଯିବା ଉଚିତ । ପରବର୍ତ୍ତୀ ସମୟରେ, ମହିଳା ଏବଂ ପୁରୁଷ ଉଭୟଙ୍କୁ ଜୀବିକା ସମସ୍ୟା ସମାଧାନ ପାଇଁ ସଂଗଠିତ କରାଯିବ । ଯେପରିକି କୃଷକ ସଂଗଠନ, ଦୁଗ୍ଧ ଉତ୍ପାଦକ ସହକାରୀ ସଂସ୍ଥା, ବୁଣାକାର ସଂଘ ଇତ୍ୟାଦି ମାଧ୍ୟମରେ ଏହି ସମସ୍ତ ସଂସ୍ଥା ଅନ୍ତର୍ଭୁକ୍ତିକରଣ ମୂଳକ ହେବ ଏବଂ କୌଣସି ଗରିବ ଏହାରୁ ବାଦ୍ ପଡ଼ିବେ ନାହିଁ । ଏନ୍‌ଆର୍‌ଏଲ୍‌ଏମ୍ ସମାଜର ଦୁର୍ବଳ ବର୍ଗ ଯଥା ଏସ୍‌ସି/ଏସ୍‌ଟି, ଅଳ୍ପସଂଖ୍ୟକ, ବିଶେଷ ଭାବେ ସକ୍ଷମ (ଦିବ୍ୟାଙ୍ଗ) ଆଦିଙ୍କ ଅନ୍ତର୍ଭୁକ୍ତିକରଣ ନିଶ୍ଚିତ କରିଥାଏ, ଯାହା ଦ୍ୱାରା ୧୦୦ ପ୍ରତିଶତ ଅନ୍ତର୍ଭୁକ୍ତିକରଣର ଚୂଡ଼ାନ୍ତ ଲକ୍ଷ୍ୟକୁ ଦୃଷ୍ଟିରେ ରଖାଯାଇଥାଏ । ଏନ୍‌ଆର୍‌ଏଲ୍‌ଏମ୍‌ର ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ଯାଇ ଓଡ଼ିଶାରେ ସ୍ଥାୟୀ ଆର୍ଥିକ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିକରଣ ମୂଳକ ପାଇଁ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ମାଧ୍ୟମରେ ତୃଣମୂଳ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଜୀବିକା ପ୍ରୋତ୍ସାହନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ କ୍ଷମତା ବିକାଶ ଆଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ଓଡିଶା ଜୀବିକା ମିଶନ କେନ୍ଦ୍ର ସରକାରଙ୍କ ପ୍ରମୁଖ ପଦକ୍ଷେପ 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାରେ ମଧ ବିଶେଷ ଭୂମିକା ଗ୍ରହଣ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରି ସେମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଜନ କରିବାର ସୁଯୋଗ ପ୍ରଦାନ କରିବ ।

# ଲୋକଙ୍କ ସମସ୍ୟା ଶୁଣିଲେ ଭୁବନେଶ୍ୱର ସାଂସଦ

ଭୁବନେଶ୍ୱର,୧।୪ (ମହାଭାରତ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କୁ ନେଇ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଯେଉଁଥିରେ ନିଜେ ଅପରାଜିତା ଉପସ୍ଥିତ ରହି ଜଣଜଣ କରି ୮ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସମସ୍ୟା ଶୁଣିଛନ୍ତି । ସନ୍ଧ୍ୟା ୫ଟାରୁ ଆରମ୍ଭ କରି ରାତି ୧୧ଟା ପର୍ଯ୍ୟନ୍ତ ଅନବରତ ଭାବେ ସାଂସଦ ସମସ୍ୟାମାନ ଶୁଣିଥିଲେ । ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠୁ ଆରମ୍ଭ କରି ରାସନ କାର୍ଡ, ଲେବର କାର୍ଡ, ସ୍କୁଲରେ ଆଡମିଶନ,



ମେଡ଼ିକାଲ ସମ୍ବନ୍ଧୀୟ ଭଳି ବିଭିନ୍ନ ପ୍ରକାରର ସମସ୍ୟା ନେଇ ମ୍ୟାଡାମ ଅପରାଜିତାଙ୍କ ପାଖରେ ପହଞ୍ଚିଥିଲେ ଅଞ୍ଚଳବାସୀ । ତେବେ ଗ୍ରାମାଞ୍ଚଳରୁ ଅଧିକ ଲୋକ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଆଉ ସମସ୍ୟାମାନ ଶୁଣିବା କ୍ଷଣି ତତକ୍ଷଣାତ ତା'ର ସମାଧାନ ଲାଗି ପ୍ରୟାସ କରିଛନ୍ତି ସାଂସଦ । ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦରକାରସ୍ଥଳେ ତାଗିଦ ମଧ କରିଛନ୍ତି । ଆଉ କିଛି ସମସ୍ୟାର ଆଶୁ ସମାଧାନ ଲାଗି ବିଭିନ୍ନ ବିଭାଗକୁ ଚିଠି ମଧ କରିଛନ୍ତି ଅପରାଜିତା । ଯେମିତିହେଲେ ବି ସମସ୍ତଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ପାଇବା ପରେ ନିଜର ଖୁସିବ୍ୟକ୍ତ କରିଛନ୍ତି ଅଭିଯୋଗକାରୀ । ଆଗରୁ ବିଭିନ୍ନ ସମୟରେ ଅପରାଜିତାଙ୍କ କାର୍ଯ୍ୟାଳୟ ତରଫରୁ ଏମିତି ଜନଶୁଣାଣୀ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । ଆଉ ଲୋକେ ବି ଏହାର ସୁଫଳ ପାଇଛନ୍ତି । ଆଗକୁ ମଧ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ ।


# ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ବିଜ୍ଞାପନ

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, **"କଲ୍ଲୋଳ-୨୦୨୫"** ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

**ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.**
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

# ବିଚାରପତିଙ୍କ ବିଶ୍ୱସନୀୟତା

ଗତ କିଛି ବର୍ଷ ହେବ ନ୍ୟାୟାଳୟର ବିଶ୍ୱସନୀୟତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଅନେକ କ୍ଷେତ୍ରରେ ନ୍ୟାୟାଳୟର ନିଷ୍ପତ୍ତି ଉଚିତ ହେଉନାହିଁ ବୋଲି ଅନେକ ବିଚାର କରୁଛନ୍ତି। ଏପରିକି ସୁପ୍ରିମକୋର୍ଟର ବିଚାରପତିଙ୍କ ବିଶ୍ୱସନୀୟତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଚାରପତି ଚୟନ ପ୍ରକ୍ରିୟା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଦିଲ୍ଲୀ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଘରୁ ନଗଦ ୧୫ କୋଟି ଟଙ୍କା ମିଳିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି ଏବଂ ଅନେକଙ୍କୁ ସ୍ତବ୍ଧ ଚକିତ କରି ଦେଇଛି। ବିଚାର ବ୍ୟବସ୍ଥା ପ୍ରତି ଲୋକଙ୍କର ଯେଉଁ ଆସ୍ଥା ଏବଂ ବିଶ୍ୱାସ ରହିଛି ତାହା ଦୋହଲିଯାଇଛି। ଏହା ଏକ ଅତି ସମ୍ବେଦନଶୀଳ ଘଟଣା। ଏହାକୁ ନେଇ ଶସ୍ତା ବୟାନବାଜି କରାଯିବା ଅନୁଚିତ। ଏହି ଘଟଣାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଗୁରୁତ୍ୱର ସହ ନେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନା ଜଣେ ଦକ୍ଷ ଏବଂ ଦାୟିତ୍ୱସମ୍ପନ୍ନ ବିଚାରପତି। ତାଙ୍କଠାରୁ ଏହି ପ୍ରସଙ୍ଗରେ ଉଚିତ ନ୍ୟାୟ ମିଳିବା ଆଶା କରାଯାଉଛି। ଏହାର ତଦନ୍ତ ନିମନ୍ତେ ସେ ଏକ ତିନି ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ୨ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ କର୍ଣ୍ଣାଟକ ହାଇକୋର୍ଟର ଜଣେ କାର୍ଯ;ୟରତ ବିଚାରପତି ସଭ୍ୟ ଅଛନ୍ତି। କମିଟି ରିପୋର୍ଟ ଆସିଲେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନିଆଯିବ। ତାଙ୍କୁ ହୁଏତ ସୁପ୍ରିମକୋର୍ଟଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ବହିଷ୍କାର କରିପାରନ୍ତି। ଯେଉଁ ବିଚାରପତିଙ୍କ ଘରୁ ଏତେ ପରିମାଣର ଟଙ୍କା ମିଳିଛି ସେ ହେଲେ ଜଷ୍ଟିସ ଯଶୱନ୍ତ ବର୍ମା। ଅତୀତରେ ସେ ଏକ ସିବିଆଇ ମାମଲାରେ ମଧ୍ୟ ଛନ୍ଦି ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମାମଲା ବନ୍ଦ ହୋଇଯାଇଛି। ତେଣୁ ଜଷ୍ଟିସ ବର୍ମା ଜଣେ ବିବାଦୀୟ ବ୍ୟକ୍ତି ବୋଲି କହିଲେ ଭୁଲ ହେବ। ଏବେ ଜଷ୍ଟିସ ବର୍ମାଙ୍କୁ ନ୍ୟାୟିକ ଦାୟିତ୍ୱରୁ ବାରଣ କରାଯାଇଛି। ତାଙ୍କୁ କୌଣସି କେସ ଦିଆଯିବ ନାହିଁ। କିଛି ଦିନ ତଳେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। କିନ୍ତୁ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ତାଙ୍କୁ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାରା ଦେଶରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ତାଙ୍କୁ ବର୍ଜନ କରିବାକୁ ବିଭିନ୍ନ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେ ଯେଉଁ ହାଇକୋର୍ଟକୁ ଯିବେ ସେଠାରେ ତାଙ୍କୁ ବିରୋଧ କରାଯିବ। ସମ୍ଭବତଃ ଜଷ୍ଟିସ ବର୍ମାଙ୍କ ବିଚାରପତି ଭାବେ କ୍ୟାରିୟରର ଅନ୍ତ ଏହିଠାରେ ହେଲା ବୋଲି ଧରିନିଆଯିବ। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ଜଷ୍ଟିସ ବର୍ମାଙ୍କ ସମ୍ପର୍କରେ ଯାହା ବି ରିପୋର୍ଟ ଦିଅନ୍ତୁ ନା କାହିଁକି ତାଙ୍କୁ ଅତି ବେଶୀରେ ପଦରୁ ବହିଷ୍କାର କରିବେ। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଯଦି ସେ ବାସ୍ତବରେ ଦୋଷୀ ହୋଇଥିବେ ବା ଦୁର୍ନୀତିରେ ସମ୍ପୃକ୍ତ ଥିବାର ଯଥେଷ୍ଟ ପ୍ରମାଣ ମିଳେ ତେବେ ତାଙ୍କ ବିରୋଧରେ ଦୁନୀତି ନିବାରଣ ଆଇନ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ ହେବା ଉଚିତ। ଜଣେ ସାଧାରଣ ସରକାରୀ କର୍ମଚାରୀ ଦୁର୍ନୀତି କଲେ ତାଙ୍କ ବିରୋଧରେ ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଜଣେ ସେନାଧିକାରୀ, ବରିଷ୍ଠ ପୋଲିସ ବା ତଦନ୍ତକାରୀ ସଂସ୍ଥାର ଅଧିକାରୀ କିମ୍ବା ବିଚାରପତି ଯଦି ଦୁର୍ନୀତି ଗ୍ରସ୍ତ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କ ବିରୋଧରେ ଅଧିକ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

*ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ଥାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ଥାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି ।*

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ଥାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ଥାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ଥାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ଥାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ଥାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ଥାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ଥାନୀ ନେତା ପାକିସ୍ଥାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ଥାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ଥାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ଥାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ଥାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ଥାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ଥାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ଥାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

# ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି। ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି। ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା। ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି। ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା। ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ। ଏହାର ମୂଲ୍ୟ ଅମୂଲ୍ୟ। ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା। ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କୁନି ଓଠରେ କଥା ନାହିଁ

॥ ଡାକ୍ତର କାନ୍ତୀ ନାୟକ ॥

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ତା'ଜଳଖିଆ ଖାଇ ସେମାନଙ୍କ ଲାପଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

## ସେଣ୍ଟ ଜାଭିୟର ହାଇସ୍କୁଲ ରେ ଟାଲେଣ୍ଟ ଫିଏଷ୍ଟା ଉଦଘାଟିତ



ଅନୁଗୋଳ,(ମହାଭାରତ):ଅନୁଗୋଳ ସହର ମିଶ୍ରପଡା ସ୍ଥିତ ସେଣ୍ଟ ଜାଭିୟର ହାଇ ସ୍କୁଲ ଠାରେ ଟାଲେ□ ଫିଏଷ୍ଟା ୨୦୨୫ ର ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ଅନୁଗୋଳ ସାମ୍ବାଦିକ ସଂଘ ର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ ଏବଂ ସେଣ୍ଟ ଜାଭିୟର ହାଇସ୍କୁଲ ର ଚେୟାରମ୍ୟାନ କୁଲଦୀପ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲ ର ଅଧକ୍ଷ ପ୍ରଶ୍ନ ଦାସ ପରିଚାଳନା କରିଥିଲେ। ଏହି ଟାଲେ□ ଫିଏଷ୍ଟା କାର୍ଯ୍ୟକ୍ରମରେ ଅନୁଗୋଳ ର ସୁନାମ ଧନ୍ୟ ଓଡିଶୀ ପ୍ରିତି ନନ୍ଦ, ସୁନାମଧନ୍ୟ କୋରିଓଗ୍ରାଫର ସରୋଜ ଓ ସାଗର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମୁନୁ ପୁଷ୍ଟି ଙ୍କ ଦ୍ୱାରା ନୃତ୍ୟ ଏବଂ ସଙ୍ଗୀତ ମଞ୍ଚ ରେ ପରିବେସଣ କରିଥିଲେ। ଏଥିରେ ଅନୁଗୋଳ ର ବିଭିନ୍ନ ସ୍କୁଲ ତଥା ଡିପିଏସ ନାଲକୋ, ରୋଟାରୀ ପବ୍ଲିକ୍ ସ୍କୁଲ୍, ଓଡିଏମ ସ୍କୁଲ, ଅମରବାଣୀ, କେନ୍ଦ୍ରୀୟ ବିଦ୍ୟାଳୟ  ପିଟିସି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସେ□ ଜାଭିୟର ହାଇ ସ୍କୁଲ ର ଛାତ୍ରଛାତ୍ରୀ ମାନେ ସଙ୍ଗୀତ ଏବଂ ନୃତ୍ୟ ମାଧ୍ୟମରେ ତାଙ୍କର ପ୍ରତିଭା ପରି ବେସଣ କରିଥିଲେ। ଏଥିରେ ଅନ୍ୟତମ ଜାତୀୟ ଚେସ୍ କୋଚ୍ କୁଳମଣି ଜେନା ଏବଂ ସୋମନାଥ ବେହେରା, ଆର୍ଟ ଏବଂ କ୍ରାଫ୍ ଶିକ୍ଷକ ମଧ୍ୟ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟାଲେ□ ଫିଏଷ୍ଟା ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଅନୁଗୋଳ ର ସମସ୍ତ ଛାତ୍ରଛାତ୍ରୀ ମାନେ ନିଜର ପ୍ରତିଭା କୁ ଗୁଣାତ୍ମକ କରିବା ନିମନ୍ତେ ସେଣ୍ଟ ଜାଭିୟର ହାଇସ୍କୁଲ ମିଶ୍ରପଡା ଠାରେ ଏକ ନିଆରା ପଦକ୍ଷେପ କୁ ସ୍ୱାଗତ ଏବଂ ଶୁଭେଚ୍ଛା ଜାଣଇଥିଲେ। ମୁଖ୍ୟ ବକ୍ତା ମଧ୍ୟ ଏହି ଟାଲେଣ୍ଟ ଫିଏଷ୍ଟା ପ୍ରକୃତ ସୁଯୋଗ ନେବା ପାଇଁ ଅନୁଗୋଳ ର ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ। ସମ୍ମାନୀତ ଅତିଥି ଶ୍ରୀ ରଥ ଆସନ୍ତା ଏପ୍ରିଲ ୬ ତାରିଖ ରବିବାର ପବିତ୍ର ରାମ ନବମୀ ଠାରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମିଶ୍ରପଡା ସ୍କୁଲ ପରିସରରେ ପ୍ରତ୍ୟକ ରବିବାର ସକାଳ ୮ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏହି ସୁନାମ ଧନ୍ୟ ପ୍ରଶିକ୍ଷଣ ଙ୍କ ଦ୍ୱାରା ବର୍ଷ ତମାମ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହି ଅଛି। ଏଥି ନିମନ୍ତେ ଅନୁଗୋଳ ର ସମସ୍ତ ଛାତ୍ରଛାତ୍ରୀ ମାନ ଙ୍କୁ ଏହାର ବିଶେଷ ସୁଯୋଗ ଲାଭ କରିବା ନିମନ୍ତେ ସମସ୍ତ ଅଭିଭାବକ ମାନଙ୍କୁ ଅନୁରୋଧ କରିଥିଲେ। ପରି ଶେଷରେ ଅତିଥି ମାନଙ୍କ ଦ୍ୱାରା ସମସ୍ତ ପ୍ରଶିକ୍ଷଣ ଏବଂ ମଞ୍ଚ ରେ ପରିବେସଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସେ□ ଜାଭିୟର ହାଇ ସ୍କୁଲ, ମିଶ୍ରପଡା ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ହର୍ଷିତା, ଅସ୍ମିନ୍ ଏବଂ ପ୍ରିୟଙ୍କା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକିଲେ କାନଡେରି ଶୁଣନ୍ତି କାକଟପୁର ମା 'ମଙ୍ଗଳା

କାକଟପୁର:(ମହାଭାରତ) - ପୁଣ୍ୟ ଉତ୍କଳ ଅନେକ ଆଧ୍ୟାତ୍ମିକ ସ୍ଥଳୀ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ଆମ ଓଡିଶା ଆଜି ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛ। ଠିକ ସେହିପରି ଆମ ଉତ୍କଳୀୟ ଶକ୍ତି ପୀଠ ଗୁଡିକ ମଧ୍ୟ ସ୍ୱତନ୍ତ୍ର, ସେହି ଭିତରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ପବିତ୍ର ପୁଣ୍ୟତୋୟା ପ୍ରାଚୀ ତଟ ରେ ଗୌଡିୟ ବୈଷ୍ଣବ ଭକ୍ତ ଶ୍ରୀ ଠାକୁର ଚୈତନ୍ୟ ଦେବ ଙ୍କ ଓଡିଶା ଆଗମନ ଆଗରୁ, ସାକ୍ଷୀ ସେହି ପବିତ୍ର ଦେଉଳି ମଠ, ଏହାର ଅର୍ଥ ଆମେ ଜାଣିବା ଏହି ଦେବୀ ମା ମଙ୍ଗଳା ହେଉଛନ୍ତି ଅନନ୍ୟ ଆଉ ଅନେକ ଦୀର୍ଘ ବର୍ଷ ଆଗରୁ ଏଠି ବିଦ୍ୟମାନ, ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏହି ମା ଙ୍କୁ ଶ୍ରଦ୍ଧା ରେ ଡାକିଲେ ଏ ଓହୋ କରନ୍ତି, ଅର୍ଥାତ ନିଜ ଜନ୍ମଦାତ୍ରୀ ମା ଆଉ ଏହାଙ୍କ ଭିତରେ କିଛି ବି ତଫାତ ନାହି। ଏ ହେଉଛନ୍ତି ବ୍ରହ୍ମାଣ୍ଡ ଶକ୍ତି ର ଅଧିକାରିଣୀ,ଚତୃର୍ଭୁଜା,



ସଦା ଚିର ହାସ୍ୟମୟୀ, କଳିଯୁଗ ରେ ଜପ ଯଜ୍ଞ ଶ୍ରେଷ୍ଠ ବୋଲି ଦକ୍ଷିଣ  ହସ୍ତରେ ଜପମାଳି, କେହି କୁହନ୍ତି ବ୍ରହ୍ମାଣ୍ଡ ର ୨୭ ଗୋଟି ନକ୍ଷତ୍ର ଙ୍କୁ ଏକତ୍ରିତ କରି ମା ଆଜ୍ଞା ଚକ୍ର ରେ ସଦା ଜପ ରେ, ଦକ୍ଷିଣ ହସ୍ତରେ ପୂର୍ଣ୍ଣମା ଚନ୍ଦ୍ର ଯାହା ପୂର୍ଣ୍ଣ ଶାନ୍ତି ର ବାର୍ତ୍ତା ଦେଇଛି ଆଉ ଶୀତଳତା ର ମଧ୍ୟ, ବାମ ହସ୍ତରେ ପଦ୍ମ କଢି ଯାହାର ଅର୍ଥ ଜନ୍ମ ଦାତ୍ରୀ, ଆଉ ଏକ ହସ୍ତ ଅଭୟ ବରଦାତ୍ରୀ, ବାମ ଗୋଡ଼ ଅଷ୍ଟକୋଣି ଜପ ଶିଳା ଉପରେ ଆଉ ଦକ୍ଷିଣ ଗୋଡ଼ ଭୂମିକୁ ଲମ୍ବାଇ ଆଶୀର୍ବାଦ ଦୃଷ୍ଟି ରେ ବସି ରହିଛନ୍ତି, ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ସମେତ ଚତୁର୍ଥା ଦାରୁ ଙ୍କ ନବକଳେବର ସମୟ ରେ ଯେତେବେଳେ ପୁରୀ ଶ୍ରୀକ୍ଷେତ୍ର ରୁ ଦଇତାପତି ସେବାୟତ ମା ଙ୍କ ଆଜ୍ଞା ମାଳ ନେବା ପାଇଁ ଆସି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରନ୍ତି ସେତେବେଳେ ମା ଚତୁର୍ଥା ମୂର୍ତ୍ତୀ ଙ୍କ ନୂତନ ଶରୀର ନିର୍ମାଣ ପାଇଁ ରହିଥିବା ଦାରୁ ମାନଙ୍କ ସନ୍ଧାନ କରନ୍ତି, ସେଥିପାଇଁ ତ କୁହାଯାଏ ଡାକିଲେ ଓହୋ କରୁଥିବା ଅନନ୍ୟ ଦେବୀ ମାତା କାକଟପୁର ର ମା ମଙ୍ଗଳା, ଦେବୀ ଙ୍କ ଦେଉଳ ଧୋଜ୍ କୁ କୁହାଯାଏ ଅପର୍ଣ୍ଣା ଯାହା ଶ୍ୱେତ ଆଉ ରକ୍ତ ଚନ୍ଦ୍ର ରେ ଶୋଭା ବର୍ଦ୍ଧନ କରିବା ସହ ବିଶ୍ୱ କୁ ଶାନ୍ତି ର ସନ୍ଦେଶ ଦେଇ ଆସୁଛି, ସନ୍ତାନ ପ୍ରାପ୍ତି, ରୋଗ ରୁ ଉଦ୍ଧାର, ମାନସିକ ଶାନ୍ତି, ବ୍ୟବସାୟ ହେଉ କି ଚାକିରୀ, ପ୍ରତ୍ୟେକ କାର୍ଯ୍ୟ ରେ ତାଙ୍କୁ ସୁମରଣା କଲେ ପ୍ରତ୍ୟକ କାର୍ଯ୍ୟ ମଙ୍ଗଳ ହୁଏ ବୋଲି ତାଙ୍କୁ ସର୍ବ ମଙ୍ଗଳା କୁହାଯାଏ, ଦେବୀ ଙ୍କର ବାର ମାସ ରେ ତେରେ ପର୍ବ, ଚୈତ୍ର ମାସ ଦେବୀ ଙ୍କର ଅତ୍ୟନ୍ତ ପ୍ରିୟ, ଏହି ମାସ ର ପ୍ରଥମ ମଙ୍ଗଳ ବାରେ ମା ଙ୍କର ପ୍ରଥମ ପାଳି ଯାତ୍ରା ଆରମ୍ଭ ହୁଏ ଆଉ ଏଇଠୁ ଯେତେବେଳେ ପଞ୍ଚମ ପାଳି ହୁଏ ମା ଙ୍କର ଝାମୁ ଯାତ୍ରା ଅନୁଷ୍ଠିତ ହୁଏ, ପାଟୁଆ ମାନେ ବିଭିନ୍ନ ଶକ୍ତି ପୀଠ ରୁ ଆସି ଚୈତ୍ର ମାସ ପ୍ରଥମ ପାଳି ରୁ ମା ଙ୍କ ନିକଟରୁ ଆଜ୍ଞା ମାଳ ନେଇ ପାଟୁଆ ନୃତ୍ୟ କରି ଶେଷ ଝାମୁ ଯାତ୍ରା ରେ ଟାଣୁଆ ଖରା ରେ ମା ଙ୍କ ପୂର୍ବ ଦ୍ୱାର ରେ ନିଆଁ ରେ ଚାଲି ମା ଙ୍କ ପ୍ରତି ଥିବା ଭକ୍ତି ଭାବ କୁ ପଦର୍ଶନ କରନ୍ତି, ପଣ୍ଡିତ ଙ୍କ ମତ ଏହି ଅଗ୍ନି ହେଉଛି ପ୍ରତ୍ୟେକ ବଦଓ ତାମସିକ ଗୁଣକୁ ଦହନ କରେ, ସେ ଯାହା ହେଉ ମା ଙ୍କର ଦୂତ ସିଂହ, ଏହି ସିଂହ ପାଖରେ ମୁଣ୍ଡିଆ ଟେ ମାରି ମା ଙ୍କୁ ଦର୍ଶନ କରିଦେଲେ ମା ଭକ୍ତ ର ସବୁ କିଛି ପୂର୍ଣ୍ଣ କରନ୍ତି ଏହି କଥା ଟି କାଳ କାଳ ରୁ ରହି ଆସିଛି, ହଁ ଆଜ୍ଞା। ପ୍ରତ୍ୟେକ ବିଶ୍ୱାସ ର ସେ ଏକାକ୍ଷରୀ ଆଉ ଏହାକୁ ନିଜ ଆତ୍ମ ଚିନ୍ତନ ରେ ଅନୁଧ୍ୟାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ ର ଆଶୀର୍ବାଦ ଲାଭ କରନ୍ତି, ଯାହାକୁ ଅନେକ ମୁନୀ ଋଷି କହିଛନ୍ତି ଆଉ ବର୍ତ୍ତମାନ ର ଅନେକ ପଣ୍ଡିତ ଆଉ ଜ୍ଞାନୀ ଗୁଣୀ ମଧ୍ୟ ବାସ୍ତବ ରେ ଉପଲବ୍ଧି କରିଆସିଛନ୍ତି।

## ପାରାଦୀପ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ଉତ୍କଳ ଦିବସ ପାଳିତ

ପାରାଦୀପ-(ମହାଭାରତ) ପାରାଦୀପ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ମଙ୍ଗଳବାର ଦିନ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆଲୋଚନା ଚକ୍ର, ବୃକ୍ଷରୋପଣ ଆୟୋଜିତ ହୋଇଥିଲା । ଆଲୁମ୍ନି ଆସୋସିଏସନ୍‌ର ସଭାପତି ତଥା ନଗରପାଳ ବସନ୍ତ ବିଶ୍ୱାଳ ପୌରହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥି, ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ, ସଂଯୋଜକ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଶଙ୍କର ପ୍ରସାଦ ରାଉତ, କୋଷାଧକ୍ଷ ମନମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଆସୋସିଏସନ୍‌ର ସଦସ୍ୟ ଅମ୍ବିକା ପ୍ରସାଦ ମହାପାତ୍ର, ଆଲୋକ କୁମାର ମହାପାତ୍ର, ନଳିନୀ ସାହୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଓଏଫଡିସିର ସ୍ଥାନୀୟ ଅଧିକାରୀ ଆନନ୍ଦ ଚନ୍ଦ୍ର ସେଠୀଙ୍କୁ ପାରାଦୀପ ଅଂଚଳରେ ବ୍ୟାପକ ବୃକ୍ଷରୋପଣ କରିଥିବାରୁ




ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ମିଡିଆ ସଂଯୋଜକ ସଂଜୟ କୁମାର ମିଶ୍ର, ଶଶାଙ୍କ ଶେଖର ଆଚାର୍ଯ୍ୟ,ଏନ୍. ସିମାଂଚଳମ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା କାଠ ଚାଲାଣ ବେଳେ ଭ୍ୟାନ ଜବତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବଜାର ନିକଟ ରୁଗୁଡିବେଡା ଗ୍ରାମ ନିକଟରୁ ମଙ୍ଗଳବାର ସକାଳ ୯ ଟା ସମୟରେ ଏକ ଭ୍ୟାନ ଯୋଗେ ଶାଳ ଚୌକାଠ ଚୋରା ଚାଲାଣ ହେଉଥିବା ସମୟରେ ଠାକୁରମୁଣ୍ଡା ରେଞ୍ଜ ବନ କର୍ମଚାରୀ ମାନେ ଚୋରା କାଠ ବୋଝେଇ ଭ୍ୟାନ କୁ ଜବତ କରିଛନ୍ତି।ସୂଚନା ଅନୁଯାୟୀ କରଞ୍ଜିଆ- ଠାକୁରମୁଣ୍ଡା ରାସ୍ତା ରେ ଏକ ଚୋରା ଚୌକାଠ ଲୋଝେଇ ଭ୍ୟାନ ଠାକୁରମୁଣ୍ଡା ଆଡକୁ ଆସୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଙ୍କ ନେତୃତ୍ୱରେ ଫୋରେଷ୍ଟର ଚନ୍ଦ୍ରଭାନୁ ମହାନ୍ତ, ବିଦ୍ୟାଧର ମହାନ୍ତ,ପ୍ରଦୀପ କିସରେ ହାଇବୁରୁ ଙ୍କ ସମେତ ବନ କର୍ମଚାରୀ ମାନେ ଆସୁଥିବା ଭ୍ୟାନ କୁ ରାସ୍ତା ଉପରେ ରୁଗୁଡିବେଡା ନିକଟରେ ଅଟକାଇ ଥିଲେ। ବନ କର୍ମଚାରୀ ମାନଙ୍କୁ ଦେଖି ଡ୍ରାଇଭର ସମେତ କାଠ ବେପାରୀ ଗାଡି ଛାଡି ଦୌଡ଼ି ପଳାଇ ଯାଇଥିଲେ

## ହୋ' ସମ୍ପ୍ରଦାୟର ଯୁବ ପ୍ରତିଭା କଣ୍ଠଶିଳ୍ପୀ ଦଶମତୀ ହେମ୍ବ୍ରମ :



କପ୍ତିପଦା -(ମହାଭାରତ )- କପ୍ତିପଦା - ହୋ' ସମ୍ପ୍ରଦାୟର ବିଶିଷ୍ଟ କଣ୍ଠଶିଳ୍ପୀ ଦଶମତୀ ହେମ୍ବ୍ରମ(୨୪) ଏବଂ ବାବୁଲୁ ଆଙ୍ଗରାଇଙ୍କ ଦ୍ୱାରା ବୋଲା ଯାଇଥିବା ଆଧୁନିକ ହୋ' ସଙ୍ଗୀତ ବୁରୁ ସୁବେରେ ୨୯ ତାରିଖ ସକାଳେ ଦଶମତୀ ମ୍ୟୁଜିକ ବାଗାନ ୟୁଟ୍ୟୁବ ଚାନେଲରେ ମୁକ୍ତି ଲାଭ ହୋଇ ଯାଇଛି। ଏହା ପୂର୍ବରୁ ଦଶମତୀ ହୋ' ଭାଷାରେ ଅନେକ ଆଧୁନିକ ସଙ୍ଗୀତ ହୋ' ସଙ୍ଗୀତ ଯଥା - ପୁନାଇ ଚାଣ୍ଡୁଃ, ଆପେ ହାତୁ ବା' ପରବ, ଆଧ୍ୟାତ୍ମିକ ସଙ୍ଗୀତ - ହେ ସିଙ୍ଗ ବଙ୍ଗା, ଜାତୀୟ(ଦେଶ) ପ୍ରେମ ସମ୍ବନ୍ଧିତ ସଙ୍ଗୀତ ଭାରତ ଦିଶୁମ ଆଦି ଗାନ କରି ଓଡ଼ିଆ ସଙ୍ଗୀତ ଦୁନିଆରେ ପ୍ରତିଷ୍ଠା ଲାଭ କରି ସାରିଛନ୍ତି। ଏହି ଯୁବ ପ୍ରତିଭା ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରେ +୩ ପାଠ୍ୟକ୍ରମ ସାରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଙ୍ଗୀତରେ ପି.ଜି ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଛନ୍ତି। ବର୍ତ୍ତମାନ ସେ ଭୁବେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଦ୍ୱିତୀୟ ବର୍ଷର ଛାତ୍ରୀ। ସଙ୍ଗୀତ ଦୁନିଆରେ ହୋ' ଭାଷାର ପ୍ରଚାର ପ୍ରସାର କରିବା ନିମନ୍ତେ ସେ ଦଶମତୀ ମ୍ୟୁଜିକ ବାଗାନ ନାମକ ୟୁଟ୍ୟୁବ ଚାନ୍ୟାଲ ତିଆରି କରିଥିବା ପ୍ରକାଶ କରିଛନ୍ତି। ତାଙ୍କ ଘର କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମରେ  ସେ ବାମିଆ ହେମ୍ବ୍ରମ ଏବଂ ପାଙ୍ଗିଲା ହେମ୍ବ୍ରମଙ୍କ ସୁକନ୍ୟା ଅଟନ୍ତିୟ ତେବେ ହୋ' ଭାଷା ସାହିତ୍ୟ ଓ ସଙ୍ଗୀତକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର କରିବା ତାଙ୍କ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

## ଆଭାସୀ ମାଧ୍ୟମରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

### ଲଘୁ ଖଣିଜ ଦ୍ରବ୍ୟ ଦରଦାମ ବୃଦ୍ଧି ଗୃହ ନିର୍ମାଣ ପାଇଁ ସାଜିଛି ବାଧକ ଚିନ୍ତାରେ ହିତାଧିକାରୀ



ନୂଆଗାଁ (ମହାଭାରତ ) : ଗତ ମାର୍ଚ୍ଚ ୩୦ ତାରିଖ ରବିବାର ଦିନ କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ କରକମଳରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଏହି ଯୋଜନାରେ ବିଧବା, ଅସହାୟ, ଭିନ୍ନକ୍ଷମ, ଗରିବ, କର୍କଟ ରୋଗୀ ଭଳି ବିଭିନ୍ନ ଅଜଣା ରୋଗାକ୍ରାନ୍ତରେ ପୀଡିତ, ବନ୍ୟା ବାତ୍ୟା ଓ ବନ୍ୟଜନ୍ତୁ ଆକ୍ରମଣରେ ଭାଙ୍ଗିଥିବା ଘର ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡ଼ିଓ ଅମୃତ କୁମାର ରାଉଳ,ଏ ବି ଡି ଓ ସ୍ୱଦେଶ ରଞ୍ଜନ ଶତପଥି,ନୂଆଗାଁ ଗ୍ରାମପ□ାୟତ ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳୀ ସାସମଲ, ବାହାଡଝୋଲା ସରପଞ୍ଚ ଆରତୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଙ୍କ ଭାଷଣ ପରେ ସମସ୍ତ ପଞ୍ଚାୟତରୁ ଆସିଥିବା ୬୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିରେ ବାକି ଥିବା ହିତାଧିକାରୀ ମାନଙ୍କୁ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବିଡ଼ିଓ କହିଛନ୍ତି। ବିଗତ ସରକାର ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୧ଲକ୍ଷ ୩୦ହଜାର ଟଙ୍କା ମିଳୁଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ତଥା ବିଜେପି ସରକାରକୁ ଆସିବା ପରେ ତାଙ୍କର ଆଭିମୁଖ୍ୟ ପରିବର୍ତ୍ତନ କରି ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଇଟା, ବାଲି,ଗୋଡି,ଛଡ, ସିମେଣ୍ଟ ଆଦି ଲଘୁ ଖଣିଜ ଦ୍ରବ୍ୟ ଅହେତୁକ ଦରଦାମ ବୃଦ୍ଧି ହୋଇଥିବାରୁ ୧ଲକ୍ଷ ୨୦ହଜାର ଟଙ୍କାରେ କିପରି ଗୃହ ନିର୍ମାଣ ହେବ ସେ ନେଇ ହିତାଧିକାରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଲଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବା ସମୟରେ ଅଧିକାଂଶ ଚୌକି ଫାଙ୍କା ପଡ଼ିଥିବା ଦେଖିବାକୁ ମିଳିଥିଲା।ସଭାସ୍ଥଳୀରେ ପାଲ ର ବ୍ୟବସ୍ଥା ନଥିବାରୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯାହାକି ଲୋକମାନେ କିଏ ଗଛ ଛାଇତଳେ ବସିଥିବା ବେଳେ ଆଉ କିଏ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଲୋକମାନ ଙ୍କୁ ସକାଳ ୯ଟାରୁ ଆସିବା ପାଇଁ କୁହାଯାଇଥିଲା। ଲୋକମାନେ କିଛି ନଖାଇ ଭୋକ ଉପାସରେ ଏଥିରେ ସାମିଲ ହୋଇଥିଲା।

## ଉତ୍କଳ ସମ୍ମିଳନୀ ପାରାଦୀପ ଶାଖା ପକ୍ଷରୁ ଉତ୍କଳ ଦିବସ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଉତ୍କଳ ସମ୍ମିଳନୀ ପାରାଦୀପ ଶାଖା ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଶାଖା ସଭାପତି ଧ୍ରୁବଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ ବସ' ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ଡା. କୁଳମଣୀ ସାମଲ, ଇଂ. ନୃସିଂହ ଚରଣ ବେହେରା, କବୟତ୍ରୀ ସବିତା ମହାପାତ୍ର ଯୋଗ ଦେଇ ମାତୃଭୂମି ଓଡିଶା ଓ ମାତୃଭାଷା ଓଡିଆ ପ୍ରତି ପ୍ରତିବଦ୍ଧତା ରକ୍ଷା କରିବା ପାଇଁ ସମସ୍ତ ଓଡିଶାବାସୀ କାର୍ଯ୍ୟ କରିବାର ଆବଶ୍ୟକତା ରହିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ କବି ନଗେନ୍ଦ୍ର ନାଥ ସ୍ୱାଇଁ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କବୟତ୍ରୀ ଗୋଲାପରାଣୀ ସାହୁ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସ'ୋହ ସାମଲ । କବୟତ୍ରୀ ପ୍ରେମଲତା ବାରିକ, ନିଳିମା ପ୍ରିୟଦର୍ଶିନୀ,ଉର୍ମିଳା ମହାଁ, ପ୍ରତିମା ମହାପାତ୍ର ରାଜ୍ୟ ସଙ୍ଗୀତଗାନ କରିଥିଲେ ।

## ପ୍ରେମରେ ବିରୋଧ କରିବାରୁ ମାଆ କୁ ଏସିଡ ମାଡ

ହାଟଡିହ(ମହାଭାରତ): ସୈତାନ ଆଖି ରେ କଅଁଳ ବୟସ ରେ ଭଉଣୀ କୁ ନେଇ ଦେଖିଥିଲା ଅନେକ ସ୍ୱପ୍ନ। ବାରମ୍ବାର ପ୍ରେମ ନିବେଦନ କରୁଥିଲା, ହେଲେ ଏସବୁ  କଥା ପରିବାର ଲୋକେ ଜାଣିବା ପରେ କଥା ଦାଣ୍ଡ ରେ ପଡ଼ି ହାଟ ରେ ଗଡି ଥିଲା। ଝିଅ ଆସି ଘରେ ସବୁ କଥା ମାଆକୁ କହିବା ପରେ ମା ହେଲା ଝିଅ  ପ୍ରେମର ବଡ ଟାର୍ଗେଟ। କେହି କିଛି ବୁଝିବା ଆଗରୁ ମାଆ କୁ ମାରି ଦେଲେ ଝିଅ କୁ ବାହାହେବା ସୁବିଧା ହେବ ବୋଲି ଭାବି ମାଆ କୁ ହେଲା ଏସିଡ ମାଡ। ଜଳି ଗଲା ମୁହଁ ପୋଡ଼ି ଗଲା ଦେହ। ଭଉଣୀ କୁ ପ୍ରେମ  କରିବାକୁ ଯାଇ ପଡିଶା ଘର ଭାଇ ସୈତାନ୍ ସାଜିଲା। ଏପରି ଘଟଣା ଦେଖି ବାକୁ ମିଳିଛି ସୋସ ଥାନା ଅନ୍ତର୍ଗତ ଢେଙ୍କା ଗାଁ ରେ, ଯାହାକି ଗୟା ପଲେଇ ଙ୍କ ସ୍ତ୍ରୀ ପ୍ରମିଳା ପଲେଇ ଙ୍କୁ ହୋଇଛି ଏସିଡ ଆକ୍ରମଣ। ପଡ଼ୋଶୀ ଘର ସୈତାନ୍ ମାନସ ରାଉତ ଓ ବାପି ରାଉତ ହିଁ କରିଥିଲେ ଏସିଡ ମାଡ। ଯାହାକୁ ନେଇ ଘଟଣା ସମୟରେ ପ୍ରମିଳା ଛାଡ ଛାଡ ଚିତ୍କାର କରିଥିଲେ ସୁଦ୍ଧା ତାଙ୍କ ହାତ କୁ ଭିଡି ଧରେଲେ ଦୁଇ ମହିଳା ଖୁସି ପାଣିଗ୍ରାହୀ ଓ ଚ□ଳା ମାଝୀ। ଏହି ଘଟଣା ଘଟିବା ର ପା□ ଦିନ ହୋଇ ଯାଇଥିଲେ ସୁଦ୍ଧା ସୋସ ପୋଲିସ କେଶ୍ ନଂ ୬୬/୨୫ ରେ ଏକ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତା ଦଫା୧୨୬(୨),୨୯୬(ବି),୧୧୫(୨),୧୧୮(୧),୧୦୯(୧),୩୫୧(୩),୩(୫), ମୋଟ ସାତ ଟି ଦଫାରେ ଅଭିଯୁକ୍ତ ମାନଙ୍କ ନାମରେ ମାମଲା ରୁଜୁ କରି ଚୁପ୍ ଚାପ୍ ବସିଛି, ସ୍ଥାନୀୟ ପୋଲିସ। ଯାହାକୁ ନେଇ ଆକ୍ରମଣ ରେ ଶିକାର ହୋଇଥିବା ପ୍ରମିଳା ଏବେ ନାହିଁ ନଥିବା କଷ୍ଟ ପାଉଥିବା ବେଳେ ଆକ୍ରମଣ କାରୀ ମାନେ ଖୁଲମ୍ ଖୋଲା ବଜାର ରେ ବୁଲି ମଜା ନେଉଛନ୍ତି।

## ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳିତ

ସମ୍ବଲପୁର (ମହାଭାରତ):ପ୍ରତିବର୍ଷ ଭଳି ସମ୍ବଲପୁର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଛି ।ଏହି ପରିପ୍ରେକ୍ଷୀ ରେ ପ୍ରତ୍ୟୁଷ ୫.୩୦ ଘଟିକା ସମୟରେ ସହର ର ମୁଖ୍ୟ ରାସ୍ତା ରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତଫେରି କରାଯାଇଥିଲା। ଏହା ପରେ ଓଡ଼ିଶା ଦିବସ ପାଳନ ଅବସରରେ ତପସ୍ୱିନୀ କକ୍ଷ ଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଛାତ୍ରଛାତ୍ରୀ ଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦେଶ୍ୟରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା ।ଉକ୍ତ ସାଧାରଣ ସଭାରେ ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ,(ଓ.ପ୍ର.ସେ), ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, ଶ୍ରୀ ବେଦଭୂଷଣ, (ଭା.ପ୍ର.ସେ), ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର,(ଓ.ପ୍ର.ସେ), ଉପନିର୍ଦ୍ଦେଶକ, ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶ୍ରୀମତୀ କଲ୍ୟାଣୀ ଦାଶ,(ଓ.ସୂ.ସେ), ଉପଜିଲ୍ଲାପାଳ, ସମ୍ବଲପୁର ଡ. ପୁଷ୍ପାଞ୍ଜଳି ପଣ୍ଡା,(ଓ.ପ୍ର.ସେ), ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବାପରେ ମଞ୍ଚାସୀନ ଅତିଥିମାନେ ଦୀର୍ଘ ୮୯ ବର୍ଷ ତଳେ ସ୍ୱାଧୀନ ପୂର୍ବ ଭାରତ ବର୍ଷରେ ଭାଷା ଭିତ୍ତିକ ଏକ ରାଜ୍ୟ ଗଠନ ତଥା ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢ଼େଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷା ସହ ନିଜ ଭାଷାର ସୁରକ୍ଷା ପାଇଁ ହୋଇଥିବା ବଡ଼ ସଂଗ୍ରାମରେ ଆମ ମହାନ ବରପୁତ୍ର ମାନେ କିଭଳି ସଂଘର୍ଷ କରି ଆମକୁ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡିଶା ରାଜ୍ୟ ଉପହାର ଦେଇଥିଲେ ସେବିଷୟରେ ଆଲୋଚନା କରିଥିଲେ ଓ ମୁଖ୍ୟ ଅତିଥି ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଆଇ.ଏ.ଏସ), ନିଜ ଅଭିଭାଷଣ ରେ କହିଥିଲେ ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା ସେଥିପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟୀ କରିବାକୁ ହେଲେ, ପ୍ରଥମେ ଆମକୁ ନିଜର ମାତୃଭାଷା କୁ ସୁରକ୍ଷା ଦେବାକୁ ପଡିବ, ସମାଜ ବିକାଶ ର ମାତୃଭାଷା ହେଉଛି ମୂଳପିଣ୍ଡ।ଏହି ଦିବସ ହେଉଛି ଆମ ପାଇଁ ସଂକଳ୍ପ ର ଦିବସ ତେଣୁ ଆଜିର ଦିନରେ ଉପସ୍ଥିତ ଦର୍ଶକ ଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇ ଜିଲ୍ଲାପାଳ କହିଥିଲେ ଯେତେବେଳେ ଓଡିଶା ଗଠନ କୁ ଶହେ ବର୍ଷ ପୂର୍ତ୍ତି ହେବା ପର୍ଯ୍ୟନ୍ତ ଜାତି, ଧର୍ମ, ବର୍ଣ, ଭାଷା ଗତ ର ବିଭିନ୍ନତା କୁ ଭୁଲି ଆମ ସମ୍ବଲପୁର ର ସମନ୍ୱିତ ବିକାଶ ପାଇଁ ଚେଷ୍ଟା କରିବା। ଓଡିଶ ଦିବସ ପାଳନ ଅବସରରେ ଓଡିଶା ସରକାର ଙ୍କ ତରଫରୁ ଅପ୍ରେଲ ୧ ତାରିଖ ଓଡ଼ିଶା ଦିବସ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଜିଲ୍ଲାପାଳ ସୂଚନା ଦେଇଥିଲେ। ୧ ଅପ୍ରେଲ- ଓଡିଶା ଦିବସ, ୨ ଅପ୍ରେଲ-ଶିକ୍ଷା ବିଭାଗ ଦ୍ୱାରା ଖଡିଛୁଆଁ ଦିବସ, ୩ ଅପ୍ରେଲ-ପାରମ୍ପରିକ ପୋଷାକ ପରିଧାନ ଦିବସ ଆମ ପୋଷାକ ଆମ ନାମ ପାଳନ ହେବ, ୪ ଅପ୍ରେଲ- ଓଡିଆ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ର, ୫ ଅପ୍ରେଲ- ଭୁବନେଶ୍ୱରରେ ଐତିହ୍ୟ ଗଣଦୌଡ଼, ୬ ଅପ୍ରେଲ ରେ ଦେବାଳୟ ଓ ଐତିହ୍ୟ ସ୍ଥଳିଗୁଡିକର ସ୍ୱଚ୍ଛତା ଅଭିଯାନ ଚଲାଯିବ, ୭ ଅପ୍ରେଲ ବର୍ଣ୍ଣବୋଧ ଉତ୍ସବ, ୮ରେ ରକ୍ତଦାନ ଦିବସ, ୯ରେ ଆସ ବହିଟିଏ କିଣିବା ଦିବସ, ୧୦ରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ ଲୋକ କଳାଗ୍ରାମ ପ୍ରଦର୍ଶନ ହେବ।ସେହିପରି ୧୧ ତାରିଖରେ ଯୁବ ଲେଖକ ସମ୍ମୀଳନୀ, ୧୨ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶାର ବରପୁତ୍ରଙ୍କ ସଂପର୍କରେ ରାଜ୍ୟରେ ଆଲୋଚନାଚକ୍ର ହେବ।  ଅପ୍ରିଲ ୧୩ରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ ଏବଂ ୧୪ରେ ଓଡ଼ିଆ ନବବର୍ଷ ପାଳିତ ହେବ।ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ର ମଧ୍ୟ ପ୍ରତିଯୋଗିତା କରଯାଇ ପରିବେଷଣ କରିଥିବା ଦଳ ଙ୍କୁ ପୁରସ୍କୃତ କରଯାଇଥିଲା।ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରଥିବା ଦଳଗୁଡିକ ମଧ୍ୟରେ ମହମ୍ମଦପୁର ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ୫୦୦୦ ଟଙ୍କା, ବଳାଗ୍ରାମ,ସମ୍ବଲପୁର ଦ୍ୱିତୀୟ ସ୍ଥାନ ଅଧିକାର କରି ୩୦୦୦ ଟଙ୍କା, ଲେଡି ଲୁଇସ ବାଳିକା ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ୨୦୦୦ ଟଙ୍କା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

## ରାଧାକୃଷ୍ଣ ଲୋକନାଟ୍ୟ ପରିବାର ତରଫରୁ ଗୁରୁପୂଜନ ଓ ବନ୍ଧୁମିଳନ

କଣିହାଁ (ମହାଭାରତ ) ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବଡତ୍ରିବିଡ଼ା ଗ୍ରାମର ଶ୍ରୀ ରାଧାକୃଷ୍ଣ ଲୋକନାଟ୍ୟ ପରିବାର ତରଫରୁ ଗତକାଲି ରବିବାର ପୂର୍ବାହ୍ନ ରେ ଗ୍ରାମର ଆମ୍ବତୋଟା ଠାରେ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଭଳି ପରମ୍ପରା ଲୋକନାଟ୍ୟ ପରିବାର ପ୍ରତିବର୍ଷ ଦୋଳ ପୁର୍ଣିମା ରେ ପାଳନ କରାଯାଉଛି । ଗ୍ରାମର ଦୋଳ ଉତ୍ସବ ରେ ଗ୍ରାମର ଯୁବବର୍ଗ ଲୋକ କଳା କୁ ଉଜ୍ଜୀବିତ ରଖିବାକୁ ପ୍ରୟାସ ଜାରିରଖିଛନ୍ତି । ଚଳିତ ବର୍ଷ ଦୋଳ ପୁର୍ଣିମା ରେ ଗ୍ରାମର ଶ୍ରୀ ରାଧାକୃଷ୍ଣ ଲୋକନାଟ୍ୟ ପରିବାର ତରଫରୁ ସାମାଜିକ ନାଟକ ପରିବେଷଣ କରିଥିଲେ ନୂପୁର ହେବ ନୂଆ କାହାଣୀ । ଏହି ବିଷୟରେ ଆଧୁନିକ ସାମାଜିକ ଚାଲି ଚଳନ ଉପରେ ଆଧାରିତ । ଏହି ସାମାଜିକ ନାଟକ ର ବିଷୟବସ୍ତୁ ଟି ବେଶ କଳାପ୍ରେମୀ ଙ୍କ ହୃଦୟ ସ୍ପର୍ଶ ହୋଇଛି । ଏଥିରେ ଅତିଥି ଭାବେ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସରପ□ ଶାନ୍ତନୁ କୁମାର ପ୍ରଧାନ, ଗ୍ରାମ୍ୟ ସଭାପତି ଛବିନ୍ଦ୍ର ବେହେରା, ନାଟ୍ୟ ନିର୍ଦେଶନା ମାନସ ଭୂଇଁୟା, ନାଟ୍ୟପରିଚାଳନା ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଲୋକନାଟ୍ୟ ପରିବାର ତରଫରୁ ଅତିଥି ମାନଙ୍କୁ ଉ□ରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଶେଷ ରେ କଳାପରମ୍ପରା କୁ କଳାକାର ମାନେ ଉଜ୍ଜୀବିତ ରଖିଥିବା ରୁ ଅତିଥି ମାନେ ପ୍ରଶଂସା କରିଥିଲେ । କମିଟି ର ବରିଷ୍ଠ ସଦସ୍ୟ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ରାଧାକୃଷ୍ଣ ଲୋକନାଟ୍ୟ ର ସମସ୍ତ କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

## ତାଲା ଭାଙ୍ଗି ବିଦ୍ୟାଳୟରୁ ସ୍ମାର୍ଟ ଟିଭି ଲୁଟ



( ମହାଭାରତ /ବସ୍ତା) ମଣିଷ ତିଆରି କାରଖାନା କୁହା ଯାଉଥିବା ବିଦ୍ୟାଳୟ କୁ ବି ଛାଡ଼ିଲେଣି ଦୁର୍ବୃତ। କୁନି ପିଲାଙ୍କ ଉଦ୍ଦେଶ୍ୟରେ ଲାଗିଥିବା ସ୍ମାର୍ଟ ଟିଭି ଓ ସାଉଣ୍ଡ ବକ୍ସ କୁ ତାଲା ଭାଙ୍ଗି ଲୁଟି ନେଲେ ଲୁଟେରା। ଏଭଳି ଅଭିଯୋଗ ଆସିଛି ସିଂଲା ଥାନା ମଧୁପୁରା ଉପେନ୍ଦ୍ର ନାଥ ସରକାରୀ ଉପ୍ରା ବିଦ୍ୟାଳୟରୁ ।ଅଭିଯୋଗ ମୁତାବକ ଆଜି ଉତ୍କଳ ଦିବସ ଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ,ଛାତ୍ର ଛାତ୍ରୀ ବେସ ଉତ୍ସାହର ସହିତ ବିଦ୍ୟାଳୟ କୁ ଆସିଥିଲେ। ମାତ୍ର ବିଦ୍ୟାଳୟ ର ମୁଖ୍ୟ ଫାଟକ ସହିତ ଅଫିସ ଗୃହ ଓ ଶ୍ରେଣୀ ଗୃହର ମୋଟ ତିନୋଟି ତାଲା ଭାଙ୍ଗି ଏକ ସ୍ମାର୍ଟ ଟିଭି ଓ ସାଉଣ୍ଡ ବକ୍ସ ଲୁଟି ନେଇଛନ୍ତି ଦୁର୍ବୃତ। ଏନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣା ପଡ଼ିଛି, ଅଭିଯୋଗ ପାଇ ସିଂଲା ଥାନା ଅଧିକାରୀ କମଳିନୀ ତାଣ୍ଡି ସଦଳେ ବଳେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି। ତେବେ ଏଠାରେ ସୂଚନା ଥାଉକି ପୂର୍ବରୁ ବ୍ୟାଙ୍କ ଓ ଏଟିଏମ ଲୁଟ ହେଉଥିବା ବେଳେ,ଏବେ ଲଗାତାର ଭାବେ ସରକାରୀ ଦପ୍ତର, ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଦ୍ୟାଳୟରୁ ସମାନ ଢଙ୍ଗରେ କେବଳ ସ୍ମାର୍ଟ ଟିଭି ଚୋରି ହେଉଥଲେ ବି ପୋଲିସର ହାତ ଖାଲି। ଅପରାଧୀ କୁ ଧରିବା ତ ଦୂରର କଥା , କୌଣସି ସୁରାଗ ପାଇ ପାରୁନାହୁଁ। ଅନ୍ୟ ପଟେ ପୋଲିସ ପେଟ୍ରୋଲିଂ କଡାକଡି କରିବା ସହିତ ପ୍ରକୃତ ଅପରାଧି ଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ରଣା ଓ ଅଭିଭାବକ ମାନିନୀ ଘୋଷ, ଚନ୍ଦନ ଘୋଷ, ରାମ କୃଷ୍ଣ ବାରିକ ,ଶ୍ରୀ ହରି ଘୋଷ , ପୂଜା ଗିରି, ପାର୍ବତୀ ଜେନା , ସାଗର ଘୋଷ, ସଂଯୁକ୍ତା ପରିଡ଼ା ପ୍ରମୁଖ ଦାବୀ କରିଛନ୍ତି ।

## ବାଥୁଡ଼ି ସମାଜ ଉଦଳାଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ




କପ୍ତିପଦା/ଉଦଳା (ମହାଭାରତ):କପ୍ତିପଦା - ଅଦ୍ୟ ତା ୩୧.୦୩.୨୦୨୫ ରିଖ ସୋମବାର ପୂର୍ବାହ୍ନ ୯ ଘଟିକା ସମୟରେ ଉପଖଣ୍ଡ ଚିକିତ୍ସାଳୟ କପିପଦା, ଉଦଳାଠାରେ ବାଥୁଡ଼ି ସମାଜ ଉଦଳାଙ୍କ ଦ୍ୱାରା ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସେଚ୍ଛାକୃତ ରକ୍ତଦାନ ଶିବିର ବାଥୁଡ଼ି ସମାଜ ଉଦଳାର ମୁଖ୍ୟ ପୁରୋଧା ତ୍ରିବାକର ପଡ଼ିଆଳିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ ଲୋକପ୍ରିୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଉଦ୍ଘାଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭକରିଥିଲେ । ଏଥିରେ ବାଥୁଡ଼ି ସମାଜର ମୁଖ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପରମାନନ୍ଦ ଖଣ୍ଡେଇ, ଗଜେନ୍ଦ୍ର ମଢ଼େଇ, ଗଜେନ୍ଦ୍ର ନାଏକ, ବସନ୍ତ କୁମାର ଦଣ୍ଡପାଟ, ଜଡ଼ିଦା ଗ୍ରା:ପ: ର ସରପଂଚ ମିନତୀ ନାଏକ, ମଝିଗଡ଼ିଆ ସରପଂଚ ଶାତିଲତା ନାଏକ, ଗିରିଶ ଚନ୍ଦ୍ର ନାଏକ, ଜଗଦୀଶ ନାଏକ, ଅନନ୍ତ ନାଏକ, ହିତେଶ ଖଣ୍ଡେଇ, ସେଚ୍ଛାସେବୀ ମନୋଜ କୁମାର ମହାନ୍ତି (ମୁନା ଭାଇ) ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ବହୁମୂଲ୍ୟ ରକ୍ତଦାନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ । ଆଜିର ସେଚ୍ଛାକୃତ ରକ୍ତଦାନ ଶିବିରରେ ୩୨ ଜଣ ରକ୍ତଦାତା ରକ୍ତ ଦାନ କରିଥିଲେ ।ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇବା ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହିତ ଯୋଗସୂତ୍ର ରକ୍ଷା କରି ରକ୍ତଦାନ ଶିବିର ଆୟୋଜନ କରି ସୁପରିଚାଳନା କରିବାରେ ବିଶେଷ ଭୂମିକା ନିଭାଇଥିବା ବିରେନ୍ଦ୍ର ମଢ଼େଇ, ରମେଶ ଚନ୍ଦ୍ର ଖଣେଇ, ମିଶର ବିଶ୍ୱାଳଙ୍କୁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଯ ସର୍ବଶେଷରେ ଚିକିତ୍ସାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିବା ଡ଼ା. ପ୍ରଜ୍ଞା ବେହେରା, ମାନସ ରଞ୍ଜନ ମହାନ୍ତି, ଅଭିନ୍ନ ସୁନ୍ଦର ନାଏକ, ଶ୍ରବଣ କୁମାର ବେହେରା, ପ୍ରିୟଙ୍କା ଦଳେଇ, ଇତିଶ୍ରୀ ସାହୁ ଏବଂ କମଳ କୁମାର ନାଏକଙ୍କୁ ମଧ ବାଥୁଡ଼ି ସମାଜ ଉଦଳା ତରଫରୁ ହୃଦୟ ଭରା ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

## ଟ୍ୱିନ୍ ସିଟି ମିଡିଆ କପ୍ - ୨୦୨୫ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବାଲିପାଟଣା ପ୍ରେସ୍ କ୍ଲବ୍ ଚାମ୍ପିଆନ୍



କଣ୍ଟାପଡା, (ମହାଭାରତ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅଧିନ ୩୩ ନଂ ଜୋନ୍ କୁରାଙ୍ଗ ପ୍ରଧାନ ପଞ୍ଚାୟତ ରାୟପୁର କୋଲ୍ଡ ଷ୍ଟୋର୍ ପଡିଆ ଠାରେ ଗତ ରବିବାର ଦିନ ଟ୍ୱିନ୍ ସିଟି ମିଡିଆ କପ୍ ୨୦୨୫ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କଟକ, ଫୁଲନଖରା, ନିଆଳି, ବାଲିଅନ୍ତା, ବାଲିପାଟଣା ଅଞ୍ଚରେ ଥିବା ଛାପା, ବୈଦୁତିକ ଗଣମାଧ୍ୟମର କାର୍ଯ୍ୟରତ ସାମ୍ବାଦିକ ବନ୍ଧୁମାନଙ୍କୁ ନେଇ ଟ୍ୱିନ୍ ସିଟି ପ୍ରେସ୍ କ୍ଲବ୍ ପକ୍ଷରୁ ୫ ଓଭର ବିଶିଷ୍ଟ ଏକ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟ୍ୱିନ୍ ସିଟି ମିଡିଆ କପ୍ - ୨୦୨୫ ଆୟୋଜନ କରିଥିଲା। ଏହି ୫ ଓଭର ବିଶିଷ୍ଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ବାଲିଅନ୍ତା, ନିଆଳି, କଟକ ସଦର, ଟ୍ୱିନ୍ ସିଟି, ବାଲିପାଟଣା ଓ କଣ୍ଟାପଡା ୬ ଟି ପ୍ରେସ୍ କ୍ଲବ୍ ଅଂଶ ଗ୍ରହଣ କରିଥିଲେ। ଏହି ୫ ଓଭର ବିଶିଷ୍ଟ ଏକ ଦିବସୀୟ କ୍ରିକେଟ୍ ପ୍ରେସ୍ କ୍ଲବ୍ ସଭାପତି ବିଶିଷ୍ଟ ସାମ୍ବାଦିକ ସନାତନ ପରିଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମରେ ସମାଜସେବୀ ସ୍ୱାଧୀନଚେତା ମହାନ୍ତି, ଆଞ୍ଚଳିକ ଶାନ୍ତି କମିଟିର ସଭାପତି ବର୍ଷୀୟାନ୍ ମୂରବୀ ନିମାଇଁ ଲେଙ୍କା, ଆଇନଜୀବି କବି ନାରାୟଣ ଜେନା, ଇଂ. ସୁଶାନ୍ତ କୁମାର ତ୍ରିପାଠୀ ଓ ଇଂ. ଶ୍ରୀ ସନ୍ୟାସୀ ଜୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ ମ୍ୟାଚ୍ କଟକ ସଦର ପ୍ରେସ୍ କ୍ଲବ୍ ଓ ବାଲିପାଟଣା ପ୍ରେସ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିପାଟଣା ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍ ରେ ବାଲିଅନ୍ତା ଧଉଳି ପାହାଳ ପ୍ରେସ୍ କ୍ଲବ୍ ଓ କଣ୍ଟାପଡା ପ୍ରେସ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଲିଅନ୍ତା ଧଉଳି ପାହାଳ ପ୍ରେସ୍ କ୍ଲବ୍ କଣ୍ଟାପଡା ପ୍ରେସ୍ କ୍ଲବ୍‌କୁ ୧୦ ୱିକେଟ୍ ରେ ପରାସ୍ତ କରି ସେମି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ନିଆଳିର ପ୍ରାଚୀ ପ୍ରେସ୍ କ୍ଲବ୍ ଆୟୋଜକ କ୍ଲବ୍ ଟ୍ୱିନ୍ ସିଟି ପ୍ରେସ୍ କୁ ୯ ୱିକେଟ୍‌ରେ ପରାସ୍ତ କରି ସେମି ଫାଇନାଲ୍‌ରେ ପ୍ରବେଶ କରିଥିଲା। ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ବାଲିପାଟଣା ପ୍ରେସ୍ କ୍ଲବ୍ ଏବଂ ନିଆଳି ପ୍ରାଚୀ ପ୍ରେସ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିପାଟଣା ପ୍ରେସ୍ କ୍ଲବ୍ ତାର ପ୍ରତିଦ୍ୱନ୍ଦୀ ନିଆଳି ପ୍ରାଚୀ ପ୍ରେସ୍ କ୍ଲବ୍‌କୁ ୯ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ବାଲିଅନ୍ତା ଧଉଳି ପାହଳ ପ୍ରେସ୍ କ୍ଲବ୍ ଓ ନିଆଳି ପ୍ରାଚୀ ପ୍ରେସ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଅନ୍ତା ପ୍ରେସ୍ କ୍ଲବ୍ ପ୍ରାଚୀ ପ୍ରେସ୍ କ୍ଲବ୍ କୁ ୧୦ ୱିକେଟ୍ ରେ ପରାସ୍ତ କରି ଫାଇନାଲ୍‌ରେ ପରାସ୍ତ କରିଥିଲା। ଫାଇନାଲ୍ ମ୍ୟାଚ୍‌ରେ ବାଲିପାଟଣା ପ୍ରେସ୍ କ୍ଲବ୍ ଧୂଆଁଦାର ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୧୨୩ ରନ୍‌ର ଏକ ବିଶାଳ ସ୍କୋର କରିବାରେ ସକ୍ଷମ ହୋଇଥିଲା। ବାଲିଅନ୍ତା ଧଉଳି ପାହଳ ପ୍ରେସ୍ କ୍ଲବ୍ ୫ ଓଭରରେ ୧୨୩ ରନ୍ କୁ ପିଛା କରି ୯୨ ରନ୍ କରିବାରେ ସକ୍ଷମ ହୋଇଥିଲା। ବାଲିପାଟଣା ୩୧ ରନ୍‌ରେ ବାଲିଅନ୍ତା ଧଉଳି ପାହଳ ପ୍ରେସ୍ କ୍ଲବ୍ କୁ ପରାସ୍ତ କରି ଚାମ୍ପିଆନ୍ ହୋଇପାରିଥିଲା। ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ବାଲିପାଟଣା ପ୍ରେସ୍ କ୍ଲବ୍ ତାର ବିଜୟ ଧାରା ଜାରି ରଖିଥିଲେ। ବାଲିପାଟଣା ପ୍ରେସ୍ କ୍ଲବ୍ ଟିମ୍‌ର ଅଧିନାୟକ ବରିଷ୍ଠ ସାମ୍ବାଦିକ ଦିଲୀପ କୁମାର ଓଝା ଚାମ୍ପିଆନ୍ ଟ୍ରଫି ଗ୍ରହଣ କରିଥଲେ।

## ଅନ୍ତର୍ଦ୍ୱୟ ଗୃହ ଯୋଜନା ଶୁଭାରମ୍ଭ ର ଆଭାଷୀ କାର୍ଯ୍ୟକ୍ରମ




କରଞ୍ଜିଆ (ମହାଭାରତ) ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା ଅନ୍ତର୍ଦ୍ୱୟ ଗୃହ ଯୋଜନା କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ୩୦ ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ର ରିସିଗାଁ ଠାରେ ଯୋଜନା ର ଶୁଭାରମ୍ଭ ହୋଇଯାଇଛି ।ଯୋଜନା ର ଶୁଭାରମ୍ଭ ର ଅଭାଷୀ କାର୍ଯ୍ୟକ୍ରମ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିଲା ।ବ୍ଲକ ପରିସର ରେ ଆୟୋଜିତ ଏହି ଅଭାଷୀ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା,କେନ୍ଦୁଝର ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,ଜିଲ୍ଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ମଡେଇ,ବିଡ଼ିଓ ସପନେଶ୍ୱର ବେହେରା,ଏପିଓ ଧାନଚାନ୍ଦ ମହାନ୍ତ, ଯୋଗ ଦେଇଥିଲେ ।ଏହି ଅବସର ରେ ଠାକୁରମୁଣ୍ଡା ବ୍ଲକ ଅଧିନ ବିଭିନ୍ନ ଗ୍ରାମପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ ଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା, ଅନ୍ତର୍ଦ୍ୱୟ ଯୋଜନା ମାଧ୍ୟମ ରେ ଗୃହ ପାଇବାକୁ ଥିବା ହିତାଧିକାରୀ ମାନେ ଉପସ୍ଥିତ ଥିଲେ ।ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ରେ ଅଭାଷୀ ମାଧ୍ୟମରେ ପ୍ରସାରଣ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମ କୁ ଉପସ୍ଥିତ ବ୍ୟକ୍ତି ମାନେ ଦେଖିବା ସହିତ ପରେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଅନ୍ତର୍ଦ୍ୱୟ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ କୁ ଦେଖି ଥିଲେ ।ଶୁଭାରମ୍ଭ ଯୋଜନା କାର୍ଯ୍ୟକ୍ରମ ଶେଷ ପରେ ବ୍ଲକ ପ୍ରଶାସନ ଦ୍ୱାରା ଅନ୍ତର୍ଦ୍ୱୟ ଯୋଜନା ରେ ଚୟନ ହୋଇଥିବା ୧୧୭ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ମାନେ କାର୍ଯ୍ୟାଦେଶ ପତ୍ର କୁ ବଣ୍ଟନ କରିଥିଲେ ।ବ୍ଲକ ପରିସର ରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡ଼ିଓ ଟଙ୍କଧର ମହାନ୍ତ, ଆବାସ ଯୋଜନା ର ବ୍ଲକ ପ୍ରୋଜେକ୍ଟ କୋଡ଼ିନେଟର ସୁନୀଲ ସାହୁ,ବ୍ଲକ ପ୍ରୋଜେକ୍ଟ ଆସିଷ୍ଟା□ ହେମନ୍ତ ମହାରଣା ,ଜିପି ଡ଼ିଓ ଦଳେଇ ସିଂ ସମେତ ବ୍ଲକ ର ଅନ୍ୟାନ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## କଣିହାଁ ବ୍ଲକ ୧୦ଓ ୮ନଂ ଜୋନ ର ସାଙ୍ଗଠନିକ ବୈଠକ



କଣିହାଁ (ମହାଭାରତ ) ଅନୁଗୁଳ ଜିଲ୍ଲା ପାଲଲହଡା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ର ୧୦ ଓ ୮ନଂ ଜୋନ ସ୍ତରୀୟ ବିଜୁ ଜନତା ଦଳ ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ସମବାର ପବିତ୍ର ନଗର ସତସଙ୍ଗ କେନ୍ଦ୍ର ପରିସରରେ ଆୟୋଜିତ ବୈଠକ ରେ ବ୍ଲକ ବିଜେଡି ସଭାପତି କୈଳାଶ ଚନ୍ଦ୍ର ସାହୁ ଙ୍କ ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବେ ପାଲଲହଡା ନିର୍ବାଚନ ମଣ୍ଡଳୀ ର ପ୍ରାକ୍ତନ ବିଧାୟକ ମୁକେଶ ପାଳ ଯୋଗ ଦେଇ ଥିଲେ । ପୂର୍ବତନ ବିଧାୟକ ଶ୍ରୀ ପାଳ ବକ୍ତବ୍ୟ ରେ ଭାଜପା ନେତୃତ୍ୱଧୀନ ରାଜ୍ୟ ସରକାର ଚାଷୀ ମରଣା ନୀତି ରେ କାଟିନି ଛାଟିନ ବ୍ୟବସ୍ଥା ର ସୀମା ଟପି ଯାଇଛି । ମିଲର ମାନଙ୍କ ସହିତ ମଧୁ ଚନ୍ଦ୍ରିକା ସମ୍ପର୍କ ରେ ଭଲ ମୁନଫା ଉଠାଉଛି । ଭାଜପା ସରକାର ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାର ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କୁ ନାମ ରଙ୍ଗ ପରିବର୍ତ୍ତନ କରିବା ବ୍ୟସ୍ତ ରହୁଛି । ଏଭଳି ଭାଜପା ର ନେତୃତ୍ୱ ଧୀନ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଙ୍କ ଅପାରଗତା ଓ ସ୍ଥାଣୁତା ଉପରେ ଉଦବେଗ ପ୍ରକାଶ କରିଥିଲେ । ବିଜୁ ଜନତା ଦଳ ର ଦଳୀୟ କାର୍ଯ୍ୟକର୍ତ୍ତା କୁ ୱାର୍ଡ ଓ ପଂଚାୟତ ସ୍ତରରେ ନୂତନ କମିଟି ଗଠନ କରିବା ସହ ତୃଣମୂଳ ସ୍ତର ରେ ସଂଗଠନ କୁ ମଜବୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କାର୍ଯ୍ୟକ□ା ମାନେ ସଂଗଠନ ଉପରେ ସୁଚିନ୍ତିତ ମତ ଦେଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ଯୁବ ନେତା ସୁବାଷ ଚନ୍ଦ୍ର ମହାନ୍ତି, ଗଗନ ରାଉତ, ଯୁଗଳ କିଶୋର ସାହୁ, ପର୍ଶୁରାମ ବିଶ୍ୱାଳ, ଝଶକେତନ ପ୍ରଧାନ, ଗିରିଶ ସାହୁ, ଦେବାଶିଷ ମହାନ୍ତି, କରୁଣାକର ପ୍ରଧାନ, ପୁରୁଷୋତ୍ତମ ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, ମାଧବ ସାମଲ, ବାବୁଲା ପ୍ରଧାନ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ବିଜୁ ଜନତା ଦଳ ର ସାମର୍ଥିତ ନିର୍ବାଚିତ ଜନପ୍ରତିନିଧି ଓ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଥଲେ।

## ଆଶ୍ରମ ବିଦ୍ୟାଳୟ ରୁ ଛାତ୍ରୀ ବାହାର କୁ ଯିବା ଘଟଣା କୁ ନେଇ ଅସନ୍ତୋଷ



କରଞ୍ଜିଆ (ମହାଭାରତ) ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ହଷ୍ଟେଲ ରୁ ଜଣେ ଚତୁର୍ଥ ଶ୍ରେଣୀ ର ଛାତ୍ରୀ ବିଦ୍ୟାଳୟ ରୁ ବାହାରି ଏକୁଟିଆ ଚାଲି ଚାଲି ଘରକୁ ଯିବା ଘଟଣା କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଘଟଣା କୁ ନେଇ ସ୍ଥାନୀୟ ବିଡ଼ିଓ ସପନେଶ୍ୱର ବେହେରା, ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାଶ, ମହୁଲଡ଼ିହା ଥାନା ଅଧିକାରୀ ଅଶୋକ କୁମାର ପହି ବିଦ୍ୟାଳୟ ରେ ପହଞ୍ଚି ତଦନ୍ତ କରିଥିବାର ଜଣାଯାଇଛି ।ସୂଚନା ଅନୁଯାୟୀ ସାତକୋଶିଆ ଗ୍ରାମପଞ୍ଚାୟତ ଜାମୁନଣ୍ଡା ଗ୍ରାମର ଗଙ୍ଗାଧର ବେହେରା ଙ୍କ ଝିଅ ତୁଳସୀ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ହଷ୍ଟେଲ ରେ ରହି ପାଠ ପଢୁଥିବା ବେଳେ ସୋମବାର ଦିନ ପ୍ରାୟ ୧୧ ଟା ସମୟରେ ସ୍କୁଲ ଗେଟ ଦେଇ ଚାଲି ଚାଲି ଏକୁଟିଆ ଠାକୁରମୁଣ୍ଡା- ଆନନ୍ଦପୁର ଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ଛାତ୍ରୀ କୁ ଦେଖି ପଚାରି ବୁଝିଥିଲେ। ସେ ବିଦ୍ୟାଳୟ ରୁ ଚାଲି ଚାଲି ଘରକୁ ଏକୁଟିଆ ଯାଉଥିବା ଜାଣି ଛାତ୍ରୀ ଜଣକୁ ଆଣି ବିଦ୍ୟାଳୟ ରେ ଜିମା ଦେଇଥିଲେ।ଯଛାତ୍ରୀ ବିଦ୍ୟାଳୟ ରୁ ଚାଲି ଯିବା ଘଟଣା କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଯାଇଥିଲା ।ବିଦ୍ୟାଳୟ ଦାଇତ୍ୱ ରେ ଥିବା ଶିକ୍ଷକ/ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଛାତ୍ରୀ ବିଦ୍ୟାଳୟ ରୁ ବାହାରି ଚାଲିଯିବା ଘଟଣା କୁନେଇ ଦାୟୀ କରିଥିଲେ। ବିଡ଼ିଓ, ସମାଜ ମଙ୍ଗଳ ଅଧିକାରୀ ବିଦ୍ୟାଳୟ ରେ ପହ□ ଘଟଣାର ତଦନ୍ତ କରୁଛନ୍ତି।

## ଉପଖଣ୍ଡ ସ୍ତରୀୟ ୯୦ତମ ଓଡିଶା ଦିବସ -୨୦୨୫ ମହାସମାରୋହ ପାଳିତ



ରାଇରଙ୍ଗପୁର (ମାହାଭାରତ): ଆଜି ବାମନଘାଟୀ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଖଣ୍ଡ ପ୍ରଶାସନ ତରଫରୁ ୯୦ତମ ଓଡିଶା ଦିବସ ମହାସମାରୋହ ରେ ପାଳିତ ହୋଇଯାଇଛି ।ଏହି ପବିତ୍ର ଦିବସ ପାଳନ ଅବସରରେ ପ୍ରତ୍ୟୁଷ ଘ.୦୪-୩୦ ମିନିଟ ସମୟରେ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ କାର୍ଯ୍ୟାଳୟ ତରଫରୁ ରାଇରଙ୍ଗପୁର ସହରା□ଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ବାଦନ କରାଯାଇଥିଲା। ପ୍ରାତଃ ୦୭ ଘଟିକା ସମୟରେ ବାମନଘାଟୀ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଅନ୍ୟାନ୍ୟ ଅଧିକାରୀ ଓ ଛାତ୍ର ଛାତ୍ରୀଙ୍କ ଗହଣରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ର ଓ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କ ରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ଏହାପରେ ପୂର୍ବାହ୍ନ ୦୯ ଘଟିକା ସମୟରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପ ଜିଲ୍ଲାପାଳ ବାସନ୍ତୀ ଲାକ୍ରା,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ଗୋକୁଳାନନ୍ଦ ସାହୁ, ରାଇରଙ୍ଗପୁର ତହସିଲଦାର ଶ୍ରୀ ବିଶ୍ୱନାଥ ବିଶ୍ୱାଳ ଓ ଡେପୁଟି କଲେକଟର ଶ୍ରୀ ମାନସ ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ ଶ୍ରୀ ସୁଧାକର ସେଠି ଓ ଅନିତା ମହାନ୍ତ ଯୋଗ ଦେଇଥିଲେ ।ଏତଦ ବ୍ୟତୀତ ବାମନଘାଟୀ ଉପଖଣ୍ଡ ଅତର୍ଗତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ଗଣମାଧ୍ୟମ ର ପ୍ରତିନିଧି ମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭ ରେ ବରପୁତ୍ର ମାନଙ୍କ ଫୋଟଚିତ୍ର ରେ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ସଭା କାର୍ଯ୍ୟ ଆରମ୍ଭ ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ବାଦନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଓଡିଶା ଦିବସ ପାଳନ ର ତାତ୍ପର୍ଯ୍ୟ ପ୍ରତିପାଦନ କରି ଯେଉଁ ଯୁଗଜନ୍ମା ମହାମନୀଷୀ ମାନଙ୍କ ଅଦ୍ୟମ ପ୍ରଚେଷ୍ଟା ରେ ଏହା ସମ୍ଭବ ହୋଇ ପାରିଥିଲା ସେମାନଙ୍କ ନୀତି ଓ ଆଦର୍ଶ ର ସ୍ମୃତି ଚାରଣ କରିଥିଲେ ଏବଂ ସେମାନଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ସଂଗେ ସଂଗେ ଏହାକୁ ପାଥେୟ କରି ଓଡିଶା ର ସର୍ବାଙ୍ଗୀନ ଉତ୍ତତିକଳ୍ପେ ନିଜ ନିଜ ସ୍ତରରେ କାର୍ଯ୍ୟ କରି ଓଡିଶା ରାଜ୍ୟ କୁ ଏକନମ୍ବର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ଆଜିର ଦିନରେ ସଂକଳ୍ପ ନେବା ପାଇଁ ଆହ୍ୱାନ ଜଣାଇ ଥିଲେ। ଅନ୍ୟାନ୍ୟ ମଂଚାସୀନ ଅତିଥି ମାନେ ମଧ ଦିବସ ପାଳନ ପଛର ଇତିହାସ ସମ୍ବନ୍ଧ ରେ ଆଲୋକପାତ କରିବା ସହିତ ଓଡ଼ିଆ ଜାତିର ଯେଉଁ ଯୁଗଜନ୍ମା ମହାମନୀଷୀ ତଥା ମାତୃଭୂମି ପ୍ରେମୀ ମାନଙ୍କ ନିସ୍ୱାର୍ଥପର ତ୍ୟାଗ, ଆତ୍ମବଳିଦାନ ଓ ଲହୁ ଲୁହର ପ୍ରତିଦାନ ରେ ଓଡିଶା ଏକ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ପାଇ ଭାରତ ମାନଚିତ୍ର ରେ ସ୍ଥାନ ଅଧିକାର କରିବା ସହିତ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ସେହି ମହାମନୀଷୀ ମାନଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ସେମାନେ ଆମର ଚିରସ୍ମରଣୀୟ ଓ ଚିର ନମସ୍ୟ ବୋଲି ବକ୍ତବ୍ୟ ରେ ପ୍ରତିପାଦନ କରିଥିଲେ। ଏହା ପରେ ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମ ରେ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ର କର୍ମଚାରୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଏନ ଏଚ ଏମ ପରିଚାଳନା କର୍ମଚାରୀ ୨୨ ଦିନ ଧାରଣାରେ

କପ୍ତିପଦା /ଉଦଳା -(ମହାଭାରତ : କପ୍ତିପଦା /ଉଦଳା - ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଆହ୍ୱାନ କ୍ରମେ ଚୁକ୍ତି ଭିତ୍ତିକ ଠିକା ସ୍ୱଳ୍ପ ବେତନ ରେ କାର୍ଯ୍ୟ କରି ୪୫ ର୍ଷ ଆତି କ୍ରାନ୍ତ ହୋଇଥିବା ୪୨୦୦ କର୍ମଚାରୀ ଙ୍କର ସ୍ଥାୟି କରଣ ବେତନ ବୃଦ୍ଧି ଓ ସ୍ଥାୟିତ୍ୱ କୁ ନେଇ ବାରମ୍ବାର ସରକାର ଙ୍କ ନିକଟ ରେ ଦାବି ଜଣାଇ କୋଣସି ସୁଫଳ ମିଳି ନ ଥବାରୁ ୨୨ଦିନ ଧାରଣାରେ ।ଆତ୍ୟଧିକ ରୈଦ୍ରତାପ ରେ ୧୦ ତାରିଖ ରୁ ଲୋୟର ପି ଏମ ଜି ରେ ଧାରଣା ରେ ବସିଛନ୍ତ ।ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ସ୍ୱାସ୍ଥ୍ୟ କେନ୍ଦ୍ର ରେ ୨୦୦୪ ରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଚୁକ୍ତିଭିତ୍ତିକ ଠିକା ପରିଚାଳନା କର୍ମଚାରୀ ଧାରଣା ଦ୍ୱାରା ଭାରତ ସରକାରଙ୍କ ପି ଏମ ଜେ ଯୋଜନା ସ୍ୱାସ୍ଥକାଡ ଏପ୍ରିଲ ୧ ରୁ ଅରମ୍ଭ ହେବାକଥା ଏହା ବାଧାପ୍ରାପ୍ତ,ଗର୍ଭବତୀ ମହିଳା,ଆଶାଦିଦି,ଏନ ଏଚି ଏମ ର କାର୍ଯ୍ୟରତ ଆୟୁଷ ଡାକ୍ତର ଓ କର୍ମଚାରୀ ବେତନ ପାଇବାରୁ ବଞ୍ଚିତ । ଏନ ଏଚି ଏମ ର ବିଭିନ୍ନ ତାଲିମ ବାଧାପ୍ରାପ୍ତ ହୋଇଛି ଏଥିସହିତ ଟିବି ରେଲେପ୍ସୋସି ନୀୟମିତ ମେଡିସିନ ରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଜାନ ଦିବସଦିନ ଖାଦ୍ୟପେୟ ର ବାଧାପ୍ରାପ୍ତ ହୋଇଛି।

# ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାରକାରୀଙ୍କୁ ଦେବାକୁ ପଡ଼ିବ ଟଙ୍କା !



**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ଫେସବୁକ ଏବଂ ଇନଷ୍ଟାଗ୍ରାମ ଦୈନନ୍ଦିନ ଜୀବନରେ ଏକ ଅଂଶ ପାଲଟିଛି । ପିଲାଠୁ ବୁଢ଼ା ଏବେ ସୋସିଆଲ ମିଡିଆ ପ୍ରେମରେ ବାୟା । ଆଉ ଏହାର ଫାଇଦା ନେବାକୁ ମେଟା ବି ପ୍ରସ୍ତୁତ । ଖୁବଶୀଘ୍ର ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାରକାରୀଙ୍କ ପାଖରୁ ଟଙ୍କା ଆଦାୟ କରିବାକୁ ଯୋଜନା କରୁଛି ମେଟା । ମାସିକ ଚାର୍ଜ ଦେଲେ ହିଁ ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାର କରିପାରିବେ ୟୁଜର୍ସ । ଅବଶ୍ୟ ଏହି ନୂଆ ନିୟମ ପ୍ରଥମେ ୟୁରୋପୀୟ ଦେଶଗୁଡ଼ିକରେ ଲାଗୁ ହେବାକୁ ଯାଉଛି । ମାସକୁ ୧୪ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୧୧୯୦ ଟଙ୍କା ଦେବେ ୟୁଜର୍ସ । ସାଧାରଣ ୟୁଜର୍ସଙ୍କ ଲାଗି ଏହି ଚାର୍ଜ ଲାଗୁ ହେବନାହିଁ । ଯେଉଁମାନେ ବିଜ୍ଞାପନ ବିନା ଫେସବୁକ ଏବଂ ଇନଷ୍ଟାଗ୍ରାମ ବ୍ୟବହାର କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଚାର୍ଜ ଦେବାକୁ ପଡ଼ିବ । ମିଳିଥିବା ରିପୋର୍ଟ ଅନୁସାରେ, ମେଟା କମ୍ବୋ ଅଫର ଆଣିପାରେ । ଉଭୟ ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ବିଜ୍ଞାପନ ବିନା ଚଲାଇବାକୁ ହେଲେ ୟୁଜରଙ୍କୁ ମାସକୁ ୧୭ ଡଲାର ବା ୧୪୪୫ ଟଙ୍କା ଦେବାକୁ ପଡ଼ିବ । କେବଳ ଡେସ୍କଟପରେ ହିଁ ଏହି ସୁବିଧା ଉପଲବ୍ଧ ହେବ । ୟୁରୋପୀୟ ଦେଶମାନେ ବିଜ୍ଞାପନ ଉପରେ କଟକଣା ଲଗାଇବାକୁ ମେଟା ଭଳି ପ୍ଲାଟଫର୍ମଗୁଡ଼ିକୁ ବାରମ୍ବାର ଚେତାବନୀ ଦେଉଛନ୍ତି । ବିଜ୍ଞାପନରୁ ବିଲିୟନ ବିଲିୟନ ଡଲାର ଲାଭ କରୁଥିବା ମେଟା ଭଳି କମ୍ପାନୀ ଏବେ ସେହି ସବୁ ଦେଶରେ ଆଡ୍ ଫ୍ରି ବା ବିନା ବିଜ୍ଞାପନରେ ସୋସିଆଲ ମିଡିଆ ବ୍ୟବହାର କରିବାକୁ ଫିଚର ଆଣିବାକୁ ଯାଉଛି । ହେଲେ ଏଥିପାଇଁ ୟୁଜର୍ସଙ୍କୁ ମାସିକ ଚାର୍ଜ ଦେବାକୁ ପଡ଼ିବ । ୟୁରୋପୀୟ ସଂଘ ବ୍ୟତୀତ ଆମେରିକା ମଧ୍ୟ ନର୍ଦ୍ଦିଷ୍ଟ ବିଜ୍ଞାପନ ଦେଖାଇବା ବନ୍ଦ କରିବ ଦରକାର ବୋଲି ମେଟାକୁ ପରାମର୍ଶ ଦେଇଛି । ଏଭଳି ସ୍ଥିତିରେ ମେଟା ୟୁଜର୍ସଙ୍କ ବିନା ଅନୁମତିରେ ର୍ନିଦ୍ଦିଷ୍ଟ ବିଜ୍ଞାପନ ଦେଖାଇବ ନାହିଁ ବୋଲି କହିଥିବା ବେଳେ ଏଥିପାଇଁ ଫି' ଆଦାୟ କରିବାକୁ ଯୋଜନା କରିଛି । ଏହା ପୂର୍ବରୁ ୨୦୨୩ରେ ମଧ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ମାସିକ ଚାର୍ଜ ସଂପର୍କରେ ଘୋଷଣା କରିଥିଲେ । ଆଉ ଏବେ ୟୁରୋପରେ 'ସବସ୍କ୍ରିପ୍ସନ ନୋ ଆଡ୍' (ଏସଏନଏ) ମଡେଲ୍ ଲଞ୍ଚ କରିବାକୁ ଯାଉଛି ମେଟା ।

# ମାସ ଶେଷରେ ଖସିଲା ସୁନା-ରୂପା ଦର

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ଗତ କିଛି ମାସ ହେଲା ଦ୍ରୁତ ଗତିରେ ବିଢ଼ଲିଛି ସୁନା ଓ ରୂପା ଦର । ଚଳିତ ବର୍ଷ ଆରମ୍ଭରେ ସୁନା ମୂଲ୍ୟ ୭୮ ହଜାର ଟଙ୍କା ରହିଥିଲା । ସେବେଠାରୁ ଏହାର ମୂଲ୍ୟ ବିଢ଼ଲିଛି । କିନ୍ତୁ ପ୍ରତିଦିନ ସୁନା ଓ ରୂପା ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । କେଉଁ ଦିନ ମୂଲ୍ୟ କମିଥାଏ ତ କେବେ ବିଥାଏ ଆଉ ପୁଣି କେବେ ସମାନ ବି ରହିଥାଏ । ତେବେ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଓ ରୂପା ମୂଲ୍ୟ ଜାଣନ୍ତୁ । ଗତକାଲି ଅର୍ଥାତ ରବିବାର ଅପେକ୍ଷା ସୋମବାର ସୁନା ମୂଲ୍ୟ ସାମାନ୍ୟ କମିଛି । ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଟଙ୍କା ହ୍ରାସ ପାଇଛି ।



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୯୧ ହଜାର ୧୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୮୩ ହଜାର ୫୯୦ ଟଙ୍କା ରହିଛି । ସେହିଭଳି ରୂପାର ମୂଲ୍ୟ ମଧ୍ୟ ୧୦୦ ଟଙ୍କା ହ୍ରାସ ପାଇ ୧ କିଲୋଗ୍ରାମ ପ୍ରତି ୧ ଲକ୍ଷ ୩ ହଜାର ୯୦୦ ଟଙ୍କା ରହିଛି । ଦେଶର ପ୍ରମୁଖ ସହରମାନଙ୍କରେ ବି ସୁନା ଓ ରୂପା ମୂଲ୍ୟ କମିଥିବା ଦେଖିବାକୁ ମିଳିଛି । ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୯୧ ହଜାର ୧୯୦ ଟଙ୍କା ରହିଛି । ସେହିପରି ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୯୧ ହଜାର ୩୪୦ ଟଙ୍କା ରହିଛି । ଏଥିସହ ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଚେନ୍ନାଇ ଏବଂ ହାଇଦ୍ରାବାଦରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୮୩ ହଜାର ୫୯୦ ଟଙ୍କା ରହିଥିବା ଜଣାପଡ଼ିଛି । ସେହିପରି ଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୮୩ ହଜାର ୭୪୦ ଟଙ୍କା ରହିଛି । ଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇରେ ରୂପାର ମୂଲ୍ୟ ୧ କିଲୋଗ୍ରାମ ପ୍ରତି ୧ ଲକ୍ଷ ୩ ହଜାର ୯୦୦ ଟଙ୍କା ରହିଥିବା ବେଳେ ଚେନ୍ନାଇରେ ୧ କିଲୋଗ୍ରାମ ପ୍ରତି ୧ ଲକ୍ଷ ୧୨ ହଜାର ୯୦୦ ଟଙ୍କା ରହିଛି ।

# କୁନାଲଙ୍କୁ ଉଦ୍ଦେଶ୍ୟ କେବେ ବି ଖରାପ ନଥାଏ

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପରେ ବ୍ୟଙ୍ଗ କରି ବିବାଦରେ ଫସିଛନ୍ତି ହାସ୍ୟ ଅଭିନେତା କୁନାଲ୍ କାମ୍ରା । ତାଙ୍କ ନାମରେ କୋର୍ଟରେ ମାମଲା ଚାଲିଥିବା ବେଳେ ଏବେ ତାଙ୍କ ସମର୍ଥନରେ ବାହାରିଛନ୍ତି ଜନ ସୂରଜର ମୁଖ୍ୟ ଏବଂ ରଣନୀତିକାର ପ୍ରଶାନ୍ତ କିଶୋର । ସେ କହିଛନ୍ତି ଯେ ''ଷ୍ଟାଣ୍ଡ-ଅପ୍ ହାସ୍ୟ ଅଭିନେତାଙ୍କର କୌଣସି ରାଜନୈତିକ ଖରାପ ଉଦ୍ଦେଶ୍ୟ କିମ୍ବା ଗୁପ୍ତ ଉଦ୍ଦେଶ୍ୟ ନାହିଁ । 'ପାଟନାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, କିଶୋର କାମ୍ରାଙ୍କୁ ଜଣେ ବନ୍ଧୁ ଭାବରେ ବର୍ଣ୍ଣନା କରିଥିଲେ ଏବଂ ହାସ୍ୟ ଅଭିନେତା ରାଜନୈତିକ ଏଜେଣ୍ଡା ସହିତ କାର୍ଯ୍ୟ କରୁଥିବା ଅଭିଯୋଗକୁ ଖାରଜ କରିଥିଲେ । କୁନାଲ କାମ୍ରା ମୋର ବନ୍ଧୁ । ସେ କିଛି ମନ୍ତବ୍ୟ ଦେଇଥିଲେ ଯାହା ବିବାଦ ସୃଷ୍ଟି କରିଥିଲା। ତଥାପି, ମୁଁ ତାଙ୍କ ବିଷୟରେ ଯାହା ଜାଣେ, ତାଙ୍କର କୌଣସି ଗୁପ୍ତ ଉଦ୍ଦେଶ୍ୟ ନାହିଁ ଯଯେଉଁମାନେ ଭାବୁଛନ୍ତି ଯେ ସେ ରାଜନୀତି କରୁଛନ୍ତି ସେମାନେ ଭୁଲ୍ । ସେ ଏଥିରେ ଜଡିତ ନୁହଁନ୍ତି । କିଶୋର କାମ୍ରାଙ୍କ ଜୀବନଶୈଳୀ ଉପରେ ଆହୁରି ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ସେ ପୁଡୁଚେରୀରେ ରୁହନ୍ତି ଏବଂ ଜୈବିକ କୃଷି କରନ୍ତି ।

# ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀଙ୍କୁ ହତ୍ୟା

**କରାଚୀ,୧।୪ (ଏଜେନ୍ସି):** ପାକିସ୍ତାନରେ ଗୋଟିଏ ପରେ ଗୋଟିଏ ଅନେକ ଆତଙ୍କବାଦୀଙ୍କୁ ନିପାତ କରାଯାଉଛି । ଏବେ କରାଚୀରେ କୁଖ୍ୟାତ ଆତଙ୍କବାଦୀ ତଥା ଲସ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସଇଦର ଆଉ ଜଣେ ଘନିଷ୍ଠ ସହଯୋଗୀଙ୍କୁ ହତ୍ୟା କରାଯାଇଛି ।ଲସ୍କର ପାଇଁ ପାଣ୍ଠି ସଂଗ୍ରହ କରୁଥିବା ଅବଦୁଲ ରେହମାନ ଉପରେ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳି ଚଳାଇ ତାକୁ ହତ୍ୟା କରିଛନ୍ତି । କୁହାଯାଉଛି ଯେ ଅବଦୁଲ ରହମାନ ଆହଲ-ଏ-ସୁନ୍ନତ ୱାଲ ଜମାତର ସ୍ଥାନୀୟ ନେତା ଥିଲା । ସେ କରାଚୀରେ ଲସ୍କର ପାଇଁ ପାଣ୍ଠି ସଂଗ୍ରହ କରୁଥିଲା। ଏଜେଣ୍ଟମାନେ ସମଗ୍ର ଅଞ୍ଚଳରୁ ପାଣ୍ଠି ଆଣି ତା ପାଖରେ ଜମା କରୁଥିଲେ, ତା'ପରେ ସେ ହାଫିଜ୍ ସଇଦକୁ ପାଣ୍ଠି ପହଞ୍ଚାଉଥିଲେ । ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀଙ୍କ ଉପରେ ଏହି ଆକ୍ରମଣ ସେତେବେଳେ ହୋଇଥିଲା ଯେତେବେଳେ ସେ ତାଙ୍କ ବାପା ଏବଂ ଅନ୍ୟମାନଙ୍କ ସହିତ ଇଦ ପାଇଁ ଏକାଠି



ହୋଇଥିଲା । ଆକ୍ରମଣରେ ତାଙ୍କ ବାପାଙ୍କ ସମେତ ତିନି ଜଣ ଗୁରୁତର ଆହତ ହୋଇଥିଲେ, ଯେଉଁଥିରେ ଅବଦୁଲ ରହମାନଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ପାକିସ୍ତାନ ଗତ କିଛି ବର୍ଷ ଧରି ଆତଙ୍କବାଦର ଶିକାର ହୋଇଆସୁଛି । ଗୋଟିଏ ପଟେ, ବିଏଲଏ ଏବଂ ତେହେରିକ୍-ଏ-ତାଲିବାନ ବେଲୁଚିସ୍ତାନରେ ପାକିସ୍ତାନୀ ସେନାକୁ ଟାର୍ଗେଟ କରୁଛନ୍ତି । ଅନ୍ୟପକ୍ଷରେ, ଆତଙ୍କବାଦୀମାନଙ୍କୁ ଜଣକ ପରେ ଜଣେ ହତ୍ୟା କରାଯାଉଛି । ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀଙ୍କୁ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କୁ କେହି ଦେଖି ନାହାଁନ୍ତି କିମ୍ବା କେହି ତାଙ୍କୁ ଚିହ୍ନି ନାହାଁନ୍ତି ।

# ଏଣିକି ୨ ଚକିଆ ଗାଡ଼ି ସହ ଦୁଇଟି ହେଲମେଟ୍ ଦେବେ କମ୍ପାନୀ

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ଦେଶରେ ବିକ୍ରି ହେଉଥିବା ୨ ଚକିଆ ଯାନ ସହ ଏବେ କମ୍ପାନି ଗୁଡ଼ିକ ୨ ଆଇଏସ୍ଆଇ ହେଲମେଟ୍ ଦେବାକୁ ପଡ଼ିବ । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ନୂଆଦିଲ୍ଲୀରେ ଅନୁଷ୍ଠିତ ଅଟୋ ସମିଟରେ ଯୋଗଦେଇ ଏ ନେଇ ଘୋଷଣା କରିଛନ୍ତି ।ଶ୍ରୀ ଗଡ଼କରି କହିଲେ, ଲୋକଙ୍କ ସୁରକ୍ଷା ଲାଗି ଏହା ଜରୁରୀ । ଟୁହ୍ୱିଲର ହେଲମେଟ ମାନୁଫାକଚର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଟିଏଚ୍ଏମ୍ଏ) ଏହାର ସମର୍ଥନ କରିଛି । ଟିଏଚ୍ଏମ୍ଏ ପକ୍ଷରୁ ଦୀର୍ଘ ସମୟ ହେବ ଏ ନେଇ ଦାବି ହେଉଥିଲା । ଦେଶରେ ପ୍ରତିବର୍ଷ ଦୁର୍ଘଟଣା ଯୋଗୁ ୧.୮୮ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । ସଡ଼କ ଦୁର୍ଘଟଣା ସଂଖ୍ୟା ୪.୮୮ ଲକ୍ଷ । ୬୬% ମୃତକଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ । ୨ ଚକିଆ ଯାନରେ ଯାଉଥିବା ୬୯ ହଜାର ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଛି । ଏଥିରୁ ୫୦% ଲୋକଙ୍କ ମୃତ୍ୟୁ ହେଲମେଟ ନ ପିନ୍ଧିବା ଯୋଗୁ ହେଉଥିବା ସୂଚନା ମିଳିଛି ।

# ଟ୍ରମ୍ପଙ୍କ ବୋମା ଧମକ ପରେ ଇରାନର ଡବଲ ଝଟକା

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ବିଶ୍ୱରେ ଖୁବ୍‌ଶୀଘ୍ର ଆଉ ଏକ ବଡ଼ ଯୁଦ୍ଧ ହେବାର ସଙ୍କେତ ମିଳୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ବୋମା ବର୍ଷଣର ଧମକ ପରେ ଏବେ ମିସାଇଲ ପ୍ରସ୍ତୁତ କରିସାରିଛି ଇରାନ । ତେବେ କ୍ଷେପଣାସ୍ତ୍ର, ଆକ୍ରମଣ ସମ୍ପର୍କରେ ଇରାନ ପକ୍ଷରୁ କୌଣସି ସି ଅଧିକାରିକ ସୂଚନା ଦିଆଯାଇନାହିଁ । ନିକଟରେ ଇରାନ ଟ୍ରମ୍ପଙ୍କ ସହ ଆଲୋଚନା କରିବାକୁ ସିଧା ସିଧା ମନା କରିଦେଇଥିଲେ । ଏହି ଘଟଣାଗୁଡ଼ିକ ଏପରି ସମୟରେ ଘଟୁଛି, ଯେତେବେଳେ ଆମେରିକା ୟେମେନ ସମର୍ଥିତ ହୁତି ବିଦ୍ରୋହୀମାନଙ୍କୁ ଟାର୍ଗେଟ କରି ବିମାନ ଆକ୍ରମଣ କରୁଛି । ଏପରି ପରିସ୍ଥିତିରେ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଟାର୍ଗେଟ୍ କରି ସାମରିକ କାର୍ଯ୍ୟାନୁଷ୍ଠାନର ବିପଦ ରହିଛି । ଇରାନ ଏହାର ଭୂତଳ କ୍ଷେପଣାସ୍ତ୍ର ସହରରେ ଥିବା ସମସ୍ତ ଲଞ୍ଚରଗୁଡ଼ିକୁ ପ୍ରସ୍ତୁତ କରିସାରିଛି । ତେହେରାନ ଟାଇମ୍ସ ଦେଇଥିବା ରିପୋର୍ଟ ଅନୁସାରେ, କ୍ଷେପଣାସ୍ତ୍ରଗୁଡ଼ିକୁ ଲଞ୍ଚରରେ ଲୋଡ୍ କରାଯାଇଛି ଏବଂ ଇରାନ ସମସ୍ତ ଭୂତଳ କ୍ଷେପଣାସ୍ତ୍ର ସହରରେ ନିକ୍ଷେପ କରିବାକୁ ପ୍ରସ୍ତୁତ ଅଛି । ଏହା ଆମେରିକା ସରକାର ଏବଂ ଏହାର ସହଯୋଗୀମାନଙ୍କ ଉପରେ ମହଙ୍ଗା ପଡ଼ିବ । କହିରଖୁ କି, ଇରାନୀ କର୍ତ୍ତୃପକ୍ଷ ଦ୍ୱାରା ଅନେକ ଭିଡିଓ ଜାରି



କରାଯାଇଛି । ଯେଉଁଥିରେ ଭୂତଳ ବଙ୍କର ନଜର ଆସିଛି । ଏହି ବଙ୍କରରେ ୯୦୦ ମାଇଲ୍ ଦୂରତା ବିଶିଷ୍ଟ ଖାଇବର ଶେକାନ କ୍ଷେପଣାସ୍ତ୍ର, ୮୫୦ ମାଇଲ୍ ଦୂରତା ବିଶିଷ୍ଟ ହଜ୍ କାସିମ, ୧୨୪୦ ମାଇଲ୍ ଦୂରତା ବିଶିଷ୍ଟ ଗଦ୍ରା ଏଚ୍, ୧୫୫୦ ମାଇଲ୍ ଦୂରତା ବିଶିଷ୍ଟ ସେଜିଲ ଓ ୧୦୫୦ ମାଇଲ୍ ଦୂରତା ବିଶିଷ୍ଟ ଇମାଦ କ୍ଷେପଣାସ୍ତ୍ର ରହିଛି । ରବିବାର ଏନବିସି ସହ ଆଲୋଚନାରେ ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଇରାନ ସହମତି ନ ଦିଏ, ତେବେ ଇରାନ ଉପରେ ବୋମାମାଡ଼ କରାଯିବ। ଏଥିସହ ଦ୍ୱିତୀୟ ଶୁଳ୍କ ଲାଗୁ କରିବା ବିଷୟରେ ମଧ୍ୟ କହିଛନ୍ତି । ଇରାନର ରାଷ୍ଟ୍ରପତି ମାସୁଦ ପେଜଶକିୟାନ କହିଛନ୍ତି ଯେ, ଇସଲାମିକ ଗଣରାଜ୍ୟ ଏହାର ଦ୍ରୁତ ବିସ୍ତାରିତ ପରମାଣୁ କାର୍ଯ୍ୟକ୍ରମ ଉପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚିଠିର ଜବାବରେ ଆମେରିକା ସହିତ ସିଧାସଳଖ ଆଲୋଚନାରୁ ପ୍ରତ୍ୟାହାର କରିଛି। ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖାମେନିଙ୍କୁ ଚିଠି ପଠାଇ ତେହେରାନର ଦ୍ରୁତ ପ୍ରସାରିତ ପରମାଣୁ କାର୍ଯ୍ୟକ୍ରମ ଉପରେ ଚିନ୍ତା ପ୍ରକାଶ କରିଥିଲେ ।

# ପାଟଣା ଛାତ୍ର ସଂସଦ ନିର୍ବାଚନ, ତେଜସ୍ୱୀଙ୍କୁ ବଡ ଝଟକା

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ପାଟଣା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ, ତେଜସ୍ୱୀଙ୍କ ପାଇଁ ଏକ ଅଗ୍ନି ପରୀକ୍ଷା ହେବ ବୋଲି କୁହାଯାଉଥିଲା । ବର୍ତ୍ତମାନ ଛାତ୍ର ସଂସଦ ନିର୍ବାଚନର ଫଳାଫଳ ଆସିସାରିଛି, ଆଉ ନିଜକୁ ଯୁବପିଢ଼ିଙ୍କ ପ୍ରତିନିଧି ଏବଂ ଆରଜେଡିକୁ ଯୁବପିଢିଙ୍କ ଦଳ କହିଆସୁଥିବା ତେଜସ୍ୱୀ ଯାଦବଙ୍କୁ ଲାଗିଛି ବଡ ଝଟକା। ପାଟଣା ଛାତ୍ର ସଂସଦ ନିର୍ବାଚନରେ ଆରଜେଡିକୁ ନିରାଶ ହେବାକୁ ପଡିଛି । ପରାଜୟ ହୋଇଛନ୍ତି ତେଜସ୍ୱୀ ଯାଦବଙ୍କ ସମର୍ଥନରେ ଲଢୁଥିବା ସମସ୍ତ ପ୍ରାର୍ଥୀ । ଏହି ଛାତ୍ର ସଂସଦ ନିର୍ବାଚନ ତେଜସ୍ୱୀ ଯାଦବଙ୍କ ପାଇଁ ବଡ ବିଫଳତା ଏବଂ ଚିନ୍ତାଜନକ ବୋଲି କୁହାଯାଉଛି । ଏବେ ଆସନ୍ତୁ ନଜର ପକାଇବା କାହା ହାତକୁ କେଉଁ କେଉଁ ଆସନ ଯାଇଛି ଏବଂ ଆରଜେଡିର ପରାଜୟ ବାବଦରେ । ପ୍ରଥମ ଥର ପାଇଁ ପାଟଣା ଛାତ୍ର ସଂସଦ ନିର୍ବାଚନରେ ଜଣେ ମହିଳା ପ୍ରାର୍ଥୀ ସଭାପତି ହୋଇଛନ୍ତି । ସେହିପରି କେନ୍ଦ୍ରୀୟ ପ୍ୟାନେଲରେ ୫ରୁ ୩ଜଣ ଝିଅ ବିଜୟୀ ହୋଇଛନ୍ତି । ଏଥିମଧ୍ୟରୁ ସଭାପତି ପଦବୀ ଇଇଠଚ ହାତକୁ ଯାଇଛି, ଯୁଗ୍ମ ସମ୍ପାଦକ ପଦବୀ ଘଝଟଓ ହାତକୁ ଯାଇଛି । ସାଧାରଣ ସମ୍ପାଦକ ପଦବୀ ସ୍ୱାଧୀନ ପ୍ରାର୍ଥୀ ସାଲୋନି ରାଜ ଦଖଲ କରିଥିବା ବେଳେ, ଉପାଧ୍ୟକ୍ଷ ପଦବୀ ମଧ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନିକଟକୁ ଯାଇଛି । ଆଉ ଆରଜେଡି ଏହି ନିର୍ବାଚନରେ ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଛି ।

# ଭାରତରେ ଗଢ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ




**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ରେଳଯାତ୍ରୀଙ୍କ ପାଇଁ ଖୁସି ଖବର। ଭାରତରେ ଗଡିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ହରିୟାଣା ଜିନ୍ଦ-ସୋନିପତ ରୁଟରେ ଗଡିବ ଟ୍ରେନ୍ । ଦିଲ୍ଲୀ ଡିଭିଜନର ୮୯ କିଲୋମିଟର ରୁଟରେ ପ୍ରଥମ ଥର ପାଇଁ ହାଇଡ୍ରୋଜେନ୍ ଟ୍ରେନ୍ ଗଡିବାକୁ ଯାଉଛି । ତେବେ ଏହି ହାଇଡ୍ରୋଜେନ୍ ଟ୍ରେନରେ ମୋଟ ୮ଟି ଯାତ୍ରୀବାହୀ କୋଚ୍ ରହିବ । ଯେଉଁଥିରେ ଏକା ସାଙ୍ଗରେ ୨୬୩୮ ଜଣ ଯାତ୍ରୀ ଯାତ୍ରା କରିପାରିବେ । ଯାତ୍ରୀବାହୀ କୋଚ୍ ଛଡା ଅନ୍ୟ ୨ଟି କୋଚ୍ ହାଇଡ୍ରୋଜେନ୍ ସିଲିଣ୍ଡର ପାଇଁ ରହିବ । ଚେନ୍ନାଇ ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଏହାର କାମ ଚାଲୁ ରହିଛି । ତେବେ ଏହି ହାଇଡ୍ରୋଜେନ୍ ଟ୍ରେନର ସର୍ବାଧିକ ଗତି ଘଣ୍ଟାପ୍ରତି ୧୧୦ କିଲୋମିଟର ରହିବ । ଜର୍ମାନୀରେ ଏହି ହାଇଡ୍ରୋଜେନ୍ ଟ୍ରେନର ୨ଟି ବଗି ଟ୍ରାକରେ ଗଡୁଥିବା ବେଳେ ଅନ୍ୟ କେଉଁଠି ଏହି ଅଭିଯାନ ସଫଳ ହୋଇନି । ଏହି ହାଇଡ୍ରୋଜେନ୍ ଟ୍ରେନ ଶବ୍ଦ ପ୍ରଦୂଷଣକୁ କମ୍ କରିବ ଅର୍ଥାତ ଏହାର ହର୍ଣ୍ଣ ଖୁବ କମ୍ ଅଟେ । ତେବେ ଏହି ଟ୍ରେନ୍ ଥରକେ ୧୪୦ କିମି ଘଣ୍ଟା ପ୍ରତି ବେଗରେ ୧୦୦୦ କିଲୋମିଟର ଯାଏଁ ଚାଲିବ ।

# ଟାଟା ମୋଟର୍ସ ଭାରତର ସବୁଜ ମାଲପରିବହନ ବିପ୍ଳବର ପଥକୁ ପରିଷ୍କାର କରିଛି

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ଭାରତର ଟ୍ରକ ଉପଯୋଗୀ କ୍ଷେତ୍ର ଯାହାକି ଦେଶର ୬୦%ରୁ ଉର୍ଦ୍ଧ୍ୱ ମାଲ ପରିବହନ କରୁଅଛି, ଦ୍ରୁତ ବିସ୍ତାର ପାଇଁ ପ୍ରସ୍ତୁତ ହେଉଅଛି। ନୀତି ଆୟୋଗ ତଥ୍ୟ ମୁତାବକ ୨୦୫୦ ମସିହା ଭିତରେ ମାଲ ପରିବହନର ଚାହିଦା ଚ଼ତୁର୍ଦ୍ଧିଗରେ ବ୍ୟାପିବାର ଯଥେଷ୍ଟ ଆଶା କରାଯାଉଛି, ଯେହେତୁ ଟ୍ରକ ସଂଖ୍ୟା ୨୦୨୨ର ୪ ମିଲିୟନ ତୁଳନାରେ ୧୭ ମିଲିୟନର ଆଶାତୀତ ବୃଦ୍ଧି ପାଇଛି। ଅର୍ଥନୈତିକ ବିକାଶରେ ଏହି ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହା ଘର୍ଷଣ ଜନିତ ବୃଦ୍ଧି ପାଇଁ ଚ଼ିନ୍ତାର କାରଣ ହୋଇଛି, ଯେହେତୁ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣରେ ଟ୍ରକ ଗୁଡ଼ିକର ସ୍ଥିତି ତୃତୀୟ ସ୍ଥାନରେ ରହିଛି। ମାଲ ପରିବହନର ଚାହିଦା ୨୦୫୦ ମସିହା ବେଳକୁ ଚ଼ତୁର୍ଦ୍ଧିଗରେ ବ୍ୟାପକ ହେବା ସହିତ ଟ୍ରକ ସଂଖ୍ୟା ୨୦୨୨ର ୪ ମିଲିୟନ ତୁଳନାରେ ୧୭ ମିଲିୟନର ବୃଦ୍ଧି ଆଶା ରହିଛି ତଥା ମାଲ ପରିବହନର ଆବଶ୍ୟକତା ଏହି ଆଧାରିତ ଚାର୍ଜିଙ୍ଗ ତଥା ସବୁଜ ମାଲ ପରିବହନକାରୀ କରିଡ଼ରର ଉତ୍ସର୍ଗୀକୃତତା ସେବା ଏହାର ବ୍ୟାପକ ଉପଯୋଗୀ ସକ୍ଷମତା ନିମନ୍ତେ ସାଧନ ହୋଇପାରିବ। ସନ୍ତୁଳିତ ପୁଞ୍ଜି ଏବଂ କାର୍ଯ୍ୟକାରୀତା ମୂଲ୍ୟ ସବୁଜ ଟ୍ରକ ଉପଯୋଗୀତାର ଆବଶ୍ୟକତାକୁ ସ୍ଥାନାନ୍ତରିତ କରିଥାଏ। ବିକଳ୍ପ ଇନ୍ଧନ ଯାନ ଗୁଡ଼ିକରେ ଆଗ ଧାଡ଼ିର ସିଧାସଳଖ ଖର୍ଚ୍ଚର ପରିମାଣ ଉଚ୍ଚମାତ୍ରାରେ ରହିଥିବା ବେଳେ, ନିମ୍ନଶକ୍ତିର ବ୍ୟବହାର ତଥା ହ୍ରାସକାରୀ ରକ୍ଷଣାବେକ୍ଷଣ ଏକ ଲମ୍ବା ଅବଧିର ଆର୍ଥିକ ଉପକାରୀତା ପ୍ରଦାନ କରିଥାଏ। ଏକ ସ୍ୱଷ୍ଟ ରୋଡ଼ମ୍ୟାପ ତଥା ପ୍ରତିଶ୍ରୁତିବଦ୍ଧତାକୁ ଆପଣେଇ ଏହି ନେଟ ଜିରୋ କାର୍ବନ ଘର୍ଷଣକାରୀର ହ୍ରାସତାକୁ ୨୦୪୫ ବେଳକୁ ସଫଳତାର ସହିତ ସମାପନ କରିବା ପାଇଁ, ଟାଟା ମୋଟର୍ସ ଭାରତରେ ଆଗାମୀ ପିଢ଼ୀର ଏକ ପରିଷ୍କୃତ ତଥା ଅଧିକ ଦକ୍ଷତାକାରୀ ଲଜିଷ୍ଟିକ୍‌ର ଗଠନ ଦିଗରେ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛି।

# ବେଦାନ୍ତ ଆଇଓଓ ଏକ ସମୃଦ୍ଧ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ

**ନୂଆଦିଲ୍ଲୀ,୧।୪ (ଏଜେନ୍ସି):** ରାଜ୍ୟ ୯୦ତମ ଓଡ଼ିଶା ଦିବସ ପାଳନ କରୁଥିବା ସମୟରେ, ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) ରାଜ୍ୟର ସାମାଜିକ-ଆର୍ଥିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଏହାର ପ୍ରୟାସକୁ ଗର୍ବର ସହିତ ପ୍ରତିଫଳିତ କରୁଛି। କମ୍ପାନୀ କେବଳ ନିଜର କାର୍ଯ୍ୟ ମାଧ୍ୟମରେ ଅର୍ଥନୀତିରେ ଅବଦାନ ଦେଉନାହିଁ ବରଂ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍ଥାନୀୟ ଗୋଷ୍ଠୀ ସହିତ ନିଜର ସହଭାଗୀତାରେ ମଧ୍ୟ ଏକ ସ୍ଥାୟୀ ପରିବର୍ତନ ଆଣିଛି। ସ୍ଥାନୀ ଗୋଷ୍ଠୀର ବିକାଶ ପାଇଁ ନିଜର ସାମଗ୍ରିକ ଦୃଷ୍ଟିକୋଣର ଅଂଶ ଭାବରେ, ବେଦାନ୍ତ ଆଇଓଓ, ନିଜର ପଦକ୍ଷେପ ମାଧ୍ୟମରେ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା, ମହିଳା ସଶକ୍ତିକରଣ, ଭିତିଭୂମି ଏବଂ ସ୍ଥାୟୀ ଜୀବିକାରେ ଜୀବନକୁ ସ୍ପର୍ଶ କରୁଛି। ସମାଜକୁ ଅର୍ଥପୂର୍ଣ୍ଣ ଭାବରେ 'ଫେରସ୍ତ ଦେବା' ଦର୍ଶନରେ ମୂଳ ଅନ୍ତର୍ଗତ କମ୍ପାନୀର ପ୍ରୟାସ ସିଏସଆର ଠାରୁ ଦୀର୍ଘକାଳୀନ ପରିବର୍ତନ ପର୍ଯ୍ୟନ୍ତ ସୁନିଶ୍ଚିତ କରୁଛି ଯେ, ପ୍ରଗତି ହେଉଛି ଅନ୍ତର୍ଭୁକ୍ତିକରଣ। ଏହା ସ୍ଥାନୀୟ ଗୋଷ୍ଠୀଙ୍କ ସହିତ ସ୍ଥାୟୀ ଭାବେ କାର୍ଯ୍ୟ ଜାରି ରଖିଛି।

ଏହି ଦୃଷ୍ଟିକୋଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ସହାୟତା ମାଧ୍ୟମରେ ଯୁବ ଏବଂ ମହିଳାମାନଙ୍କୁ ସଶକ୍ତ କରିବା ଉପରେ କମ୍ପାନୀର ଗୁରୁତ୍ୱ। ବେଦାନ୍ତ ଆଇଓଓର ପ୍ରକଳ୍ପ 'ଜୀବିକା' ଦକ୍ଷତା ବିକାଶ ମାଧ୍ୟମରେ ଗ୍ରାମୀଣ ଯୁବବର୍ଗମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ନାଡିଡିହି ସ୍ଥିତ ବେଦାନ୍ତ ଟେଲରିଂ ତାଲିମ କେନ୍ଦ୍ର (ଭିଟିଟିସି), ଏକ ଦକ୍ଷ ଯୁବ ମହିଳା ଗୋଷ୍ଠୀ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯେଉଁମାନେ ବର୍ତମାନ ନୂତନ ଭାବରେ ଶିକ୍ଷାଲାଭ କରିଥିବା ଟେଲରିଂ ଦକ୍ଷତାକୁ ପରିବାରର ଆୟ ବୃଦ୍ଧି ଏବଂ ଆର୍ଥିକ ସ୍ୱାଧୀନତା ହାସଲ ପାଇଁ ବ୍ୟବହାର କରୁଛନ୍ତି। ମହିଳା ନେତୃତ୍ୱାଧୀନ ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ପାଇଁ, ବେଦାନ୍ତ ଆଇଓଓ ସମ୍ପ୍ରତି ନିଜର ଜୀବିକା ପ୍ରକଳ୍ପ ଅନ୍ତର୍ଗତ ନାଡଡିହି ଏବଂ ରେଙ୍ଗାଲବେଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଗୁଡ଼ିକ ସହିତ ମିଳିତ ଭାବରେ ଛଅଟି ଛତୁ ଚାଷ ୟୁନିଟ ଆରମ୍ଭ କରିଛି। ବିଶେଷଜ୍ଞଙ୍କ ଠାରୁ ବୈଷୟିକ ତାଲିମ ଏବଂ ନିଶ୍ଚିତ ବଜାର ସଂଯୋଗ ସହିତ ସମର୍ଥିତ, ଏହି ୟୁନିଟ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ହାସଲ କରିବା ପାଇଁ ସଶକ୍ତ କରିଛି। ଏସଏଚଜି ଗୁଡ଼ିକ ବର୍ତମାନ ଉତ୍ପାଦ ବିକ୍ରୟ କରିବାକୁ ସକ୍ଷମ। ସମ୍ପ୍ରତି କୋଣାର୍କରେ ଜାତୀୟ ପ୍ରଦର୍ଶନୀର ଅଂଶ ଭାବରେ ଏହାକୁ ପ୍ରଦର୍ଶିତ କରାଯାଇଛି। ଏହି ଉଦ୍ୟୋଗୀ ମହିଳାମାନେ ଏବେ ଗୋଷ୍ଠୀ ମଧ୍ୟରେ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି।

ଏହି ଅବସରରେ ବେଦାନ୍ତ ସେସା ଗୋଆର ସିଇଓ ନବୀନ ଜାଜୁ କହିଲେ, ମୁଁ ୯୦ତମ ଓଡ଼ିଶା ଦିବସରେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଉଛି। ବେଦାନ୍ତ ଆଇଓଓ, ଓଡ଼ିଶାର ବିକାଶ କାହାଣୀକୁ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

# ସୁପରଫ୍ଲପ୍ ସାବ୍ୟସ୍ତ ହେଲେ ପନ୍ତ



ନୂଆଦିଲ୍ଲୀ,୩୧୩: ଆଇପିଏଲ ୨୦୨୫ ରିଷଭ ପନ୍ତଙ୍କ ପାଇଁ ଭଲ ଚାଲିନାହିଁ। ଏପର୍ଯ୍ୟନ୍ତ ସେ ୩ ମ୍ୟାଚ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟ ରନ ସ୍କୋର କରିବାରେ ବିଫଳ ହୋଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ତାଙ୍କର ଖାତା ମଧ୍ୟ ଖୋଲି ନ ଥିଲା ।ଗତକାଲି ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପନ୍ତଙ୍କୁ ସଂଘର୍ଷ କରୁଥିବାର ମଧ୍ୟ ଦେଖାଯାଇଥିଲା। ଆଜି ସେ ମାତ୍ର ୨ ରନ୍ କରିଛନ୍ତି। ୨୭ ବର୍ଷୀୟ ଖେଳାଳି ତାଙ୍କ ଫିସ ସହିତ ନ୍ୟାୟ କରିପାରୁ ନାହାଁନ୍ତି ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରାଯାଉଛି।

୨୭ ମାର୍ଚ୍ଚରେ ହାଇଦ୍ରାବାଦରେ ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିଲା। ଲକ୍ଷ୍ନୌ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ରିଷଭ ପନ୍ତ କିଛି ବିଶେଷ କରିପାରିଲେ ନାହିଁ। ବାମହାତୀ ବ୍ୟାଟସମ୍ୟାନ ୧୫ ବଲରେ ୧୫ ରନ କରିବା ପରେ ଆଉଟ ହୋଇଥିଲେ। ତାଙ୍କ ଇନିଂସରେ ଗୋଟିଏ ଚୌକା ସାମିଲ ଥିଲା ହର୍ଷଲ ପଟେଲ ତାଙ୍କୁ ମହମ୍ମଦ ଶାମିଙ୍କ ହାତରେ କ୍ୟାଚ କରାଇ ପାଭିଲିୟନ ପଠାଇ ଦେଇଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ରିଷଭ ପନ୍ତ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।୨୪ ମାର୍ଚ୍ଚରେ ଅନୁଷ୍ଠିତ ମ୍ୟାଚ୍‌ରେ ପନ୍ତ ଶୂନ୍ୟ ସ୍କୋରରେ ଆଉଟ ହୋଇଥିଲେ। ଲକ୍ଷ୍ନୌ ଅଧିନାୟକ ତାଙ୍କ ଇନିଂସ ସମୟରେ ୬ଟି ବଲର ସମ୍ମୁଖୀନ ହୋଇଥିଲେ। ସେ ଏହି ୬ ବଲ୍‌ରେ ଗୋଟିଏ ବି ରନ କରିପାରି ନ ଥିଲେ। ଏପର୍ଯ୍ୟନ୍ତ ଖେଳାଯାଇଥିବା ୩ ମ୍ୟାଚ ମିଶାଇ ଉଇକେଟକିପର ବ୍ୟାଟସମ୍ୟାନ ମୋଟ ୧୭ ରନ କରିଛନ୍ତି। ତାଙ୍କ ଦଳ ଆଗାମୀ ମ୍ୟାଚ୍‌ଗୁଡ଼ିକରେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ।

ଆଇପିଏଲ ୨୦୨୫ ପାଇଁ ହୋଇଥିବା ମେଗା ନିଲାମରେ ରିଷଭ ପନ୍ତ ୨୭ କୋଟି ଟଙ୍କାରେ ବିକ୍ରି ହୋଇଥିଲେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ରେକର୍ଡ ବିଡ କରି ପନ୍ତଙ୍କୁ ନିଜ ଦଳରେ ସାମିଲ କରିଥିଲା। ଏହା ସହିତ ପନ୍ତ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା କ୍ରିକେଟର ମଧ୍ୟ ହୋଇଯାଇଥିଲେ। ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କୁ ପଛରେ ପକାଇଥିଲେ। ଗତ ସିଜିନରେ, କୋଲକାତା ନାଇଟ ରାଇଡର୍ସ ଏହି ଘାତକ ଦ୍ରୁତ ବୋଲରଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଥିଲା।

# ପଞ୍ଜାବର ଦ୍ୱିତୀୟ ବିଜୟ

ଲକ୍ଷ୍ନୌ: ବୋଲରଙ୍କ ପରେ ଦମ ଦେଖାଇଲେ ବ୍ୟାଟର ଲକ୍ଷ୍ନୌରେ ଖେଳା ଯାଇଥିବା ଆଇପିଏଲ୍ ୨୦୨୫ର ୧୩ତମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି। ପଞ୍ଜାବ କିଙ୍ଗ୍ସ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ତାରି ଘରେ ୮ ୱିକେଟ୍‌ରେ ହରାଇଛି ପଞ୍ଜାବ। ଏଥିସହ ଚଳିତ ସିଜିନରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଦଳ। ଅନ୍ୟପଟେ ଏଲଏସଜି ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଭୋଗିଛି ।ଲକ୍ଷ୍ନୌ ଦ୍ୱାରା ଧାର୍ଯ୍ୟ ୧୭୨ ରନର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୬.୨ ଓଭରରେ ୨ ୱିକେଟ୍ ହରାଇ ହାସଲ କରି ନେଇଛି। ପ୍ରଭସିମରନ ସିଂ ୬୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଶ୍ରେୟସ ଆୟର ୫୨ ରନ ଓ ନେହଲ ୱଧେରା ୪୩ ରନ ଅପରାଜିତ ଇନିଂସ ଖେଳିଛନ୍ତି। ବିଜୟ ସହ



ପଞ୍ଜାବ ପଏଣ୍ଟ ଟେବୁଲର ଦ୍ୱିତୀୟକୁ ଉଠିଥିବା ବେଳେ ଲକ୍ଷ୍ନୌ ଷଷ୍ଠକୁ ଖସିଛି।ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଲକ୍ଷ୍ନୌ ଦଳ ୧ ରନ ସ୍କୋରରେ ମିଚେଲ୍ ମାର୍ଶ(୦)ଙ୍କ ରୂପେ ପ୍ରଥମ ୱିକେଟ୍ ହରାଇଥିଲା। ଭଲ ବ୍ୟାଟିଂ କରୁଥିବା ଆଡନ ମାରକ୍ରମ ୨୮ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ଋଷଭ ପନ୍ତ ନିଜର ଖରାପ ଫର୍ମ ଜାରି ରଖି ମାତ୍ର ୨ ରନ କରି ପାଭିଲିୟନ ଫେରିଥିଲେ ମଧ୍ୟକ୍ରମରେ ନିକୋଲାସ ପୂରନ ଓ ଆୟୁଷ ବାଦୋନି ଇନିଂସ ସମ୍ଭାଳିଥିଲେ ।

ନିକୋଲାସ ପୂରନ ୩୦ ବଲରୁ ୫ ଚୌକା ଓ ୨ ଛକା ଜରିଆରେ ୪୪ ରନ କରିଥିଲେ। ଡେଭିଡ୍ ମିଲର ଧିମା ୧୯ ରନ କରିଥିଲେ ଆୟୁଷ ବାଦୋନି କ୍ରିଜରେ ସେଟ୍ ହୋଇଥିଲେ ହେଁ ବିସ୍ଫୋରକ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ ସେ ୩୩ ବଲରୁ ୪୧ ରନ କରି ପାଭିଲିୟ ଫେରିଥିଲେ ଶେଷ ଆଡ଼କୁ ଅବଦୁଲ ସାମଦ ୧୨ ବଲରୁ ୨୭ ରନ କରିବାରୁ ଲକ୍ଷ୍ନୌ ୭ ୱିକେଟ୍ ହରାଇ ୧୭୧ ରନ କରି ପାରିଛି ।ବୋଲିଂରେ ଅର୍ଶଦୀପ ସିଂ ୪୩ ରନ ଦେଇ ସର୍ବାଧିକ ୩ଟି ୱିକେଟ୍ ଅକ୍ତିକାର କରିଛନ୍ତି। ଲୋକି ଫର୍ଗ୍ୟୁସନ, ଗ୍ଲେନ ମ୍ୟାକ୍ସୱେଲ, ମାର୍କୋ ଜନସେନ ଓ ଯୁଜବେନ୍ଦ୍ର ଚହଲ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି ।


# ଉଇକେଟ କିପିଂ ଲାଗି ଅନୁମତି ମାଗିଲେ ସଞ୍ଜୁ

ନୂଆଦିଲ୍ଲୀ,୧।୪: ରାଜସ୍ଥାନ ରୟାଲ୍ସ(ଆରଆର୍) ଅଧିନାୟକ ସଞ୍ଜୁ ସାମସନ ଆଇପିଏଲ୍‌ରେ ଉଇକେଟ କିପିଂ ଦାୟିତ୍ୱ ତୁଲାଇବା ଲାଗି ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ଠାରୁ ଅନୁମତି ମାଗିଛନ୍ତି। ଡାହାଣ ହାତ ବିଶି ଆଙ୍ଗୁଠିରେ ଅସ୍ତ୍ରୋପଚାର ପରେ ତାଙ୍କୁ କେବଳ ଖେଳିବା ପାଇଁ ସାମୟିକ ଅନୁମତି ମିଳିଥିଲା । ତାଙ୍କ ଅନୁପସ୍ଥିତିରେ ରିୟାନ ପରାଗ ଗତ ୩ ମ୍ୟାଚରେ ଦଳର ନେତୃ ନେଇଥିଲେ। ସାମସନ ଜଣେ ବ୍ୟାଟର ଭାବେ ଖେଳିଥିବା ବେଳେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ।

କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ସିଓଇଠାରେ ସ୍ପୋଟର୍ସ ସାଇନ୍ସ ଡିଭିଜନ ଦ୍ୱାରା ସାମସନଙ୍କର ଆଙ୍ଗୁଠି ଅବସ୍ଥାର ମୂଲ୍ୟାଙ୍କନ କରାଯିବ। ଯଦି ତାଙ୍କୁ ଅନୁମତି ମିଳେ, ସେ ଦଳର ନେତୃ ଭାର ସମ୍ଭାଳିବେ।

# ମ୍ୟାଚ୍‌ରେ ପଡ଼ିଆ ଭିତରେ ପଶିଲେ ଭୋଗିବାକୁ ପଡ଼ିପାରେ ଦଣ୍ଡ

ନୂଆଦିଲ୍ଲୀ,୧।୪: ଅନେକ ସମୟରେ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ବେଳେ ପ୍ରଶଂସକମାନେ ସେମାନଙ୍କର ପ୍ରିୟ ଖେଳାଳିଙ୍କୁ ଭେଟି ଉତ୍ସାହିତ କରି ଥାଆନ୍ତି। ସମୟସମୟରେ ପଡ଼ିଆରେ ପ୍ରିୟ କ୍ରିକେଟରଙ୍କୁ ଚୌକା ଏବଂ ଛକା ମାରିବା ଦେଖିବା ପରେ ପ୍ରଶଂସକମାନେ ଏତେ ଉତ୍ସାହିତ ହୋଇଯାଇଥାଆନ୍ତି ଯେ ସେମାନେ ନିୟମ ଭାଙ୍ଗି ପଡ଼ିଆ ଭିତରକୁ ଚାଲି ଯାଇଥାଆନ୍ତି। ତେବେ ଆପଣମାନେ ଜାଣିଛନ୍ତି କି ପ୍ରଶଂସକମାନେ ଜୋରଜବରଦସ୍ତ ଯଦି ଗ୍ରାଉଣ୍ଡ ଭିତରକୁ ପ୍ରବେଶ କରୁଛନ୍ତି ତେବେ କିଭଳି ଦଣ୍ଡ ସେମାନଙ୍କ ପାଇଁ ଲାଗୁ ହୋଇପାରେ।



ମାର୍ଚ୍ଚ ୨୬ରେ ଗୌହାଟୀରେ ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଆଇପିଏଲ ମ୍ୟାଚ୍ ଖେଳାଯାଇଥିଲା ଏହି ମ୍ୟାଚ୍‌ରେ କୋଲକାତାର ରନ ଚେଜ୍ ସମୟରେ ଜଣେ ଅଜଣା ବ୍ୟକ୍ତି ପଡ଼ିଆ ଭିତରକୁ ପଶି ଆସି ରାଜସ୍ଥାନ ରୟାଲ୍ସର ଅଧିନାୟକ ରିଆନ୍ ପରାଗଙ୍କ ପାଦ ଛୁଇଁଥିଲେ ଏବଂ ପରେ ତାଙ୍କୁ କୁଣ୍ଢେଇ ପକାଇଥିଲେ ଏହି ସମୟରେ ମ୍ୟାଚକୁ କିଛି ମିନିଟ୍ ପର୍ଯ୍ୟନ୍ତ ବନ୍ଦ କରାଯାଇ ଅଜଣା ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରୁ ନେବାର ବନ୍ଦୋବସ୍ତ କରିଥିଲେ।

ଗତ କିଛି ମାସ ମଧ୍ୟରେ ପ୍ରଶଂସକମାନେ ସେମାନଙ୍କର ପ୍ରିୟ ଖେଳାଳିଙ୍କୁ ଭେଟିବା ପାଇଁ ଜୋରଜବରଦସ୍ତି କ୍ରିକେଟ୍ ପଡ଼ିଆକୁ ପ୍ରବେଶ କରିବାର ଧାରା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

ଯେତେବେଳେ ଏପରି ପ୍ରଶଂସକମାନେ ଧରାପଡ଼ନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ଆଇସିସି ଏପରି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଥାଏ ବିସିସିଆଇ ମଧ୍ୟ ଏପରି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖେ ଏବଂ ଏହାକୁ କଡ଼ାକଡ଼ି ବନ୍ଦ କରିବା ପାଇଁ ଷ୍ଟାଡିୟମ ପରିଚାଳକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛି ।

ଯଦି କେହି ଭାରତରେ ଏହା କରନ୍ତି, ତେବେ ତାଙ୍କ ବିରୋଧରେ ଆଇପିସି ଧାରା ୪୪୭ ଅନୁଯାୟୀ ମାମଲା ରୁଜୁ କରାଯାଇପାରିବ। ଏପରି କାର୍ଯ୍ୟ କରୁଥିବା ପ୍ରଶଂସକଙ୍କୁ କେବଳ ଗ୍ରାଉଣ୍ଡରୁ ବାହାର କରିଦିଆଯାଏ ନାହିଁ, ବରଂ ଯଦି ଜଣେ ବ୍ୟକ୍ତି ଏହି କାର୍ଯ୍ୟ ବାରମ୍ବାର କରନ୍ତି ତେବେ ତାଙ୍କୁ ଆଜୀବନ ଷ୍ଟାଡିୟମରେ ପ୍ରବେଶ କରିବାକୁ ବାରଣ କରାଯାଏ।

ଅନେକ କ୍ଷେତ୍ରରେ ପାଞ୍ଚରୁ ଦଶ ବର୍ଷ ପର୍ଯ୍ୟନ୍ତ ପ୍ରତିବନ୍ଧକ ମଧ୍ୟ ଲାଗୁ କରାଯାଇଥା ଏ ଅନେକ ଦେଶ (ଉଦାହରଣ ସ୍ୱରୂପ-ଇଂଲଣ୍ଡ, ଅଷ୍ଟ୍ରେଲିଆ)ରେ ଖେଳ ଚାଲିଥିବା ବେଳେ କେହି ଯଦି ପଡ଼ିଆ ଭିତରକୁ ପ୍ରବେଶ କରନ୍ତି। ତେବେ ତାଙ୍କ ବିରୋଧରେ ଜରିମାନା ମଧ୍ୟ ଲାଗୁ କରାଯିବା ସହିତ ୬ମାସ ଜେଲ ଦଣ୍ଡ ବି ହୋଇପାରେ।

## ପୁଣି ଶାମି ସିଲଭା ସଭାପତି

କଲମ୍ବୋ,୧।୪: ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ର ଅନୁଷ୍ଠିତ ୬୪ତମ ବାର୍ଷୀକ ସାଧାରଣ ବୈଠକରେ ଶାମି ସିଲଭା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ କ୍ରମାଗତ ଚତୁର୍ଥ ଥର ପାଇଁ ବୋର୍ଡର ସଭାପତି ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି ଏବଂ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିବେ ବୋଲି ଏସ୍‌ଏଲ୍‌ସି ପକ୍ଷରୁ କୁହାଯାଇଛି। ସିଲଭା ଭାରତର ଜୟ ଶାହାଙ୍କ ସମର୍ଥକ, ଯିଏକି ଏବେ ଆଇସିସି ଚେୟାରମ୍ୟାନ ଅଛନ୍ତି ସେ ଗତ ବର୍ଷ ଡିସେମ୍ବରରେ ଏସିଆନ କ୍ରିକେଟ କାଉନସିଲ (ଏସିସି) ସଭାପତି ଭାବେ ଶାହାଙ୍କ ସ୍ଥାନ ନେଇଥିଲେ। ସିଲଭାଙ୍କ ଗତ କାର୍ଯ୍ୟକାଳ ବିବାଦରେ ଭରି ରହିଥିଲା ୨୦୨୩ ଦିନିକିଆ। ବିଶ୍ୱକପ୍‌ରେ ଭାରତଠାରୁ ଶ୍ରୀଲଙ୍କା ଦଳର ବଡ଼ ପରାଜୟ ପରେ ସେତବେଳର କ୍ରୀଡ଼ାମନ୍ତ୍ରୀ ରୋଶନ ରାଣାସିଂଘେ ଏକ ଆନ୍ତରୀଣ କମିଟି ନିଯୁକ୍ତ କରିଥିଲେ ଯାହା ଫଳରେ ଶ୍ରୀଲଙ୍କାକୁ ଆଇସିସି ପକ୍ଷରୁ ସସପେଣ୍ଡ କରାଯାଇଥିଲା।

# ରୋହିତଙ୍କୁ ଅଣଦେଖା କଲେ ନୀତା ଅମ୍ବାନୀ

ନୂଆଦିଲ୍ଲୀ,୧।୪: ରୋହିତ ଶର୍ମାଙ୍କ ପାଇଁ ଆଇପିଏଲ ୨୦୨୫ କିଛି ଖାସ୍ ହୋଇନାହିଁ ପ୍ରଥମ ତିନୋଟି ମ୍ୟାଚରେ ହିଟମ୍ୟାନଙ୍କ ପ୍ରଦର୍ଶନ ବହୁତ ଲଜ୍ଜାଜନକ ଥିଲା ଏହି କାରଣରୁ ଏହି ଖେଳାଳିଙ୍କୁ କଡ଼ା ସମାଲୋଚନା କରାଯାଉଛି। ରୋହିତ କେକେଆର ବିପକ୍ଷରେ ଶେଷ ମ୍ୟାଚରେ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳିଥିଲେ ତଥାପି, ରୋହିତ ତାଙ୍କର ପ୍ରଭାବ ଛାଡିବାରେ ବିଫଳ ହୋଇଥିଲେ। ମ୍ୟାଚ ଶେଷ ହେବା ପରେ ଦଳର ମାଲିକାଣୀ ନୀତା ଅମ୍ବାନୀ ତାଙ୍କ ସହ ବହୁତ ସମୟ କଥା ହୋଇଥିଲେ।



ସୋସିଆଲ ମିଡିଆରେ ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବନାମ କେକେଆର ମ୍ୟାଚ ସହିତ ଜଡିତ। ଏଥିରେ ମୁମ୍ବାଇର ସୁପରଷ୍ଟାର ରୋହିତ ଶର୍ମା ଏବଂ ଫ୍ରାଞ୍ଚାଇଜ ମାଲିକ ନୀତା ଅମ୍ବାନୀଙ୍କ ମଧ୍ୟରେ ଗମ୍ଭୀର ଆଲୋଚନା ହେଉଥିବାର ଦେଖିବାକୁ ମିଳିଥିଲା। ଭିଡିଓର ଶେଷରେ, ହିଟମ୍ୟାନ କିଛି କହୁଥିଲେ। ଏହି ସମୟରେ, ନୀତା ଅମ୍ବାନୀ ସେମାନଙ୍କଠାରୁ ମୁହଁ ଫେରାଇ ନେଇ କୋଲକାତା ନାଇଟ ରାଇଡର୍ସର ଖେଳାଳିମାନଙ୍କ ସହିତ କଥାବାର୍ତ୍ତା କରିବା ଆରମ୍ଭ କଲେ। ରୋହିତ ଶର୍ମା ଆଇପିଏଲ ୨୦୨୫ର ପ୍ରଥମ ତିନୋଟି ମ୍ୟାଚରେ ମାତ୍ର ୨୧ ରନ କରିଛନ୍ତି। ସେ ବିପକ୍ଷରେ ପ୍ରଥମ ମ୍ୟାଚରେ ଶୂନ୍ୟ ସ୍କୋରରେ ଆଉଟ ହୋଇଥିଲେ। ଯେତେବେଳେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ, ୩୭ ବର୍ଷୀୟ ଖେଳାଳି ୮ ରନ ଯୋଗଦାନ ଦେଇଥିଲେ । ସହ ତୃତୀୟ ମ୍ୟାଚରେ, ରୋହିତ ମାତ୍ର ୧୩ ରନ କରିବା ପରେ ନିଜର୍ଵିକେଟ ହରାଇଥିଲେ ଖରାପ ଫର୍ମ ଯୋଗୁଁ, ପ୍ଲେଇଂ ଏକାଦଶରେ ତାଙ୍କର ସ୍ଥାନ ନିଶ୍ଚିତ ହେବା ପରି ମନେ ହେଉନାହିଁ।

# ପୁରୀରେ ୫୭ତମ ସିନିୟର ନ୍ୟାସନାଲ ଖୋ ଖୋ ଚାମ୍ପିଅନସିପ୍ ଆରମ୍ଭ



ପୁରୀ,୧।୪: ପୁରୀ ଜିଲ୍ଲା କ୍ରୀଡା କଂପ୍ଲେକ୍ସରେ ଭବ୍ୟ ଆୟୋଜନ ସହିତ ୫୭ତମ ଜାତୀୟ ଖୋ ଖୋ ଚାମ୍ପିଅନସିପ୍ ଆରମ୍ଭ ହୋଇଛି ଏବଂ ଉଦ୍‌ଘାଟନ ଉତ୍ସବରେ ଜାତୀୟ ସଂଗୀତ 'ସାରେ ଜାହାଁ ସେ ଅଚ୍ଛା' ଧୁନ୍‌ରେ ଉଭୟ ପୁରୁଷ ଓ ମହିଳା ଦଳଗୁଡିକ ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଥଲେ। ମାର୍ଚ୍ଚ ୩୧ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ସଂସ୍କରଣ ଖୋ ଖୋ ନ୍ୟାସନାଲଗୁଡିକ ମଧ୍ୟରେ ଏକ ଐତିହାସିକ ମାଇଲଖୁଣ୍ଟ ହୋଇଛି, କାରଣ ଏଥିରେ ସମସ୍ତ ମ୍ୟାଚ ମ୍ୟାଟ୍‌ରେ ଖେଳାଯାଉଛି।

ଏଥିରେ ୪୦ ପୁରୁଷ ଓ ୪୦ ମହିଳା ଦଳ ପ୍ରତିଯୋଗିତା କରୁଥିବାବେଳେ ଟୁର୍ଣ୍ଣାମେଣ୍ଟ ଇତିହାସରେ ଏଥିରେ ସର୍ବାଧିକ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସୁସଂହତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା, ଯେଉଁଥିରେ କଳାକାରମାନେ ପାରମ୍ପରିକ ରଙ୍ଗୀନ ପୋଷାକରେ ସେମାନଙ୍କର ଚିତ୍ତାକର୍ଷକ ଲୋକନୃତ୍ୟ ପ୍ରଦର୍ଶନ ଜରିଆର ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ।

ଏହି ଅବସରରେ ଉପସ୍ଥିତ ଅତିଥିଗଣଙ୍କ ମଧ୍ୟରେ ଖୋ ଖୋ ଫେଡେରେସନ ଅଫ ଇଣ୍ଡିଆ(କେକେଏଫଆଇ) ସଭାପତି ସୁଧାଂଶୁ ମିତ୍ତଲ, ଜେନେରାଲ ସେକ୍ରେଟାରୀ କେକେଏଫ୍‌ଆଇ ଏମ.ଏସ.ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ ସେକ୍ରେଟାରୀ ପ୍ରଦ୍ୟୁମ୍ନ ମିଶ୍ର ଏବଂ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆଙ୍କ ସହିତ ଅନ୍ୟ ଅଫିସିଆଲ ଓ ବିଶିଷ୍ଟ ଅତିଥିମାନେ ସାମିଲ ଥିଲେ। କାର୍ଯ୍ୟକ୍ରମର ବିଶେଷତ୍ୱ ଥିଲା ବିଜେତା ପୁରୁଷ ଓ ମହିଳା ଦଳଗୁଡିକ ନିମନ୍ତେ ଆକର୍ଷଣୀୟ ଚାମ୍ପିଅନସିପ୍ ଟ୍ରଫିର ପ୍ରଦର୍ଶନ। ସୁଧାଂଶୁ ମିତ୍ତଲ ଏବଂ ଅନ୍ୟ ବିଶିଷ୍ଟ ଅତିଥିଙ୍କ ନେତୃତ୍ୱରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଚାମ୍ପିଅନସିପ୍ ଶୁଭାରମ୍ଭ ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା। "ମାତ୍ର ୨୦ ଦିନ ସମୟ ମଧ୍ୟରେ ଆମେ ପୁରୀରେ ନ୍ୟାସନାଲ ସଫଳତାର ସହିତ ଆୟୋଜନ କରିଛୁ। ଏଥିପାଇଁ କେକେଏଫ୍‌ଆଇ ପ୍ରେସିଡେଣ୍ଟ ମିତ୍ତଲ ଜୀ ଏବଂ ଅନ୍ୟମାନଙ୍କୁ ଏହା ସମ୍ଭବ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି," ବୋଲି ପ୍ରଦ୍ୟୁମ୍ନ ମିଶ୍ର ତାଙ୍କ ସ୍ୱାଗତ ଅଭିଭାଷଣରେ ଉଲ୍ଲେଖ କରିଥିଲେ।

ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଥିଲେ, "ମୁଁ ଜଣେ ହ୍ୟାଣ୍ଡବଲ ଖେଳାଳି ଭାବରେ ଖେଳିଆସିଛି ଏବଂ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିଛି। ଖୋ ଖୋ ହେଉଛି ଦଳଗତ କାର୍ଯ୍ୟ ଓ ଦଳଗତ ଉତ୍ସାହର ବିଷୟ। ଯେକୌଣସି କ୍ରୀଡାର ଜାତୀୟ ସ୍ତରର ପ୍ରତିଯୋଗିତାଗୁଡିକ ଏକ ମଞ୍ଚ ଯୋଗାଇଦିଏ ଯେଉଁଠାରେ ରାଜ୍ୟଗୁଡିକ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିଥାନ୍ତି। ମୁଁ ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଉଛି ଏବଂ ଆଶା କରୁଛି ଯେ ସେମାନେ ନିଜ ଜୀବନରେ କ୍ରୀଡା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବେ।"

ଉଦ୍‌ଘାଟନ ଉତ୍ସବ ଅବସରରେ କେକେଏଫଆଇ ପ୍ରେସିଡେଣ୍ଟ ସୁଧାଂଶୁ ମିତ୍ତଲ ବିଶିଷ୍ଟ ବ୍ୟକ୍ତି, ମାନ୍ୟଗଣ୍ୟ ଅତିଥିଗଣ, କୋଚ ଓ ବିଭିନ୍ନ ରାଜ୍ୟ ଫେଡେରେସନର ପ୍ରତିନିଧିମାନଙ୍କୁ ଶାଲ୍ ଓ ସ୍ମାରକୀ ଶିଲ୍‌ଡ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ନିଜର କୃତଜ୍ଞତା ଜ୍ଞାପନ କରି ଏମ.ଏସ.ତ୍ୟାଗୀ ସମସ୍ତ ଆୟୋଜକ, ଅଫିସିଆଲ, ଟିମ୍ ସଦସ୍ୟବୃନ୍ଦ ଏବଂ ରାଜ୍ୟ ଫେଡେରେସନର ପ୍ରତିନିଧିମାନଙ୍କୁ ପ୍ରଶଂସା କରିଥିଲେ ଏବଂ ବିଶେଷଭାବରେ ଖେଳାଳିମାନଙ୍କର ଅବିଶ୍ରାନ୍ତ ଉତ୍ସର୍ଗୀକୃତ ଭାବ ଓ କଠିନ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ଟିଚର୍ସ କଲୋନି ଚାମ୍ପିୟନ

ରାଉରକେଲା,୩୧୩: ରାଉରକେଲା ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମ୍‌ଠାରେ ମା ସମଲେଶ୍ୱରୀ ଯୁଥ୍ କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ ଜାତୀୟ ଫୁଟବଲ୍ ଖେଳାଳି ନୀନା ପଟ୍ଟନାୟକ ଓ କିଶୋର ଦାସଙ୍କ ସ୍ମୃତିରେ ପ୍ରଥମ ବାର୍ଷିକ ଫୁଟବଲ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଟିଚର୍ସ କଲୋନି ୧-୦ ଗୋଲ ବ୍ୟବଧାନରେ ୟୁନାଇଟେଡ ସ୍ପୋଟର୍ସ କ୍ଲବ୍ ଜଲଦାକୁ ହରାଇ ଚାମ୍ପିୟନ ହୋଇଥିଲ।। ବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ନଗଦ ଅର୍ଥ ପ୍ରଦାନ କରାଯାଇଥିଲା ।

# ଭଡ଼ା ଘରେ ରହୁଛନ୍ତି ବାପା-ମା : ଆଇପିଏଲରେ ଚମତ୍କାର କଲେ ପୁଅ

ନୂଆଦିଲ୍ଲୀ,୧।୪: ପ୍ରିୟାଂଶ ଆର୍ଯ୍ୟା ଆଇପିଏଲରେ ଡେବ୍ୟୁ କରିଛନ୍ତି ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ଖେଳାଳି ଦ୍ରୁତ ୪୭ ରନ କରି ପଞ୍ଜାବ କିଙ୍ଗସକୁ ଏକ ଚମତ୍କାର ବିଜୟ ଦେଇଥିଲେ। ଏବେ ପ୍ରିୟାଂଶଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି ଏହି ଖେଳାଳି ତାଙ୍କ ପିତାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ବିଷୟରେ ସେ କେବେ ଭାବି ନ ଥିଲେ ପ୍ରିୟାଂଶ ଆର୍ଯ୍ୟ ଖୁବ୍‌ଶୀଘ୍ର ତାଙ୍କ ବାପାଙ୍କ ପାଇଁ ଏକ ଘର କିଣିବାକୁ ଯାଉଛନ୍ତି।ପ୍ରିୟାଂଶ ଆର୍ଯ୍ୟଙ୍କ ବାପା-ମା ଶିକ୍ଷକ, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ନିଜର ଘର କିଣିପାରି ନାହାଁନ୍ତି। ସେ ଦିଲ୍ଲୀରେ ଏକ ଭଡା ଘରେ ରୁହନ୍ତି। କିନ୍ତୁ ଏବେ ପ୍ରିୟାଂଶ ଏହାକୁ ଖୁବ ଶୀଘ୍ର କିଣିବାକୁ ଯାଉଛନ୍ତି ଆଇପିଏଲ ନିଲାମରେ ପ୍ରିୟାଂଶଙ୍କୁ ୩ କୋଟି ୮୦ ଲକ୍ଷ ଟଙ୍କାରେ କିଣାଯାଇଛି। ପ୍ରିୟାଂଶଦିଲ୍ଲୀ ପ୍ରିମିୟର ଲିଗ ଯୋଗୁ ଏହି ଖେଳାଳି ଚର୍ଚ୍ଚାକୁ ଆସିଥିଲେ। ପ୍ରିୟାଂଶ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସ ପାଇଁ ଖେଳିବା ସମୟରେ କେବଳ ଏକ ଚମତ୍କାର ଶତକ ମାରି ନ ଥିଲେ, ବରଂ ଏହି ଖେଳାଳି ଉତ୍ତର ଦିଲ୍ଲୀ ବୋଲର ମନନ ଭରଦ୍ୱାଜଙ୍କ ୬ ବଲରେ ୬ ଛକା ମଧ୍ୟ ମାରିଥିଲେ। ଏହିଠାରୁ ପ୍ରିୟାଂଶଙ୍କ ଭାଗ୍ୟ ଚମକି ଉଠିଥିଲା ଏବଂ ପଞ୍ଜାବ ଏହି ଖେଳାଳିଙ୍କୁ ଏକ ବିପୁଳ ପରିମାଣର ରାଶି ଦେଇ ଆଇପିଏଲ୍‌ରେ କିଣିଥିଲା।



# ଅସ୍ମିତା ରାଜ୍ୟ ହକି ପ୍ରତିଯୋଗିତା : ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ଖୋର୍ଦ୍ଧା ଚାମ୍ପିଅନ୍

ରାଉରକେଲା,୧।୪: ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ରାଜ୍ୟ ବାଳିକା ହକି ପ୍ରତିଯୋଗିତ୍ରା ଉପକନିଷ୍ଠ ବର୍ଗରେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ କନିଷ୍ଠ ବର୍ଗରେ ଖୋର୍ଦ୍ଧା ଦଳ ବିଜୟ ମୁକୁଟ ପିନ୍ଧିଛନ୍ତି। ଗତକାଲି ଅପରାହ୍ନରେ ଉଭୟ ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଖେଳାଯାଇଥିବା ଉପକନିଷ୍ଠ ବର୍ଗର ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା।

ମ୍ୟାଚ୍‌ସାରା ଉଭୟ ଦଳର ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ମ୍ୟାଚ୍ ଶେଷ ସୁଦ୍ଧା ସ୍କୋର୍ ୧-୧ ଗୋଲ ରହିବାରୁ ସୁଟ୍‌ଆଉଟ୍ ହୋଇଥିଲା । ଏଥିରେ ପାନପୋଷ କ୍ରୀଡ଼ାଛାତ୍ରାବାସ ୨-୧ ଗୋଲ୍‌ରେ ବାଜି ମାରିନେଇଥିଲା ଖୋର୍ଦ୍ଧା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ହକି ସଂଘକୁ ପରାସ୍ତକରି ତୃତୀୟ ସ୍ଥାନରେ ରହିଥିଲା। ସେହିଭଳି



କନିଷ୍ଠ ବର୍ଗରେ ଖୋର୍ଦ୍ଧା ଜିଲ୍ଲା ହକି ସଂଘ ୨-୧ ଗୋଲରେ ସୁନ୍ଦରଗଡ଼ ଜିଲ୍ଲା ହକି ସଂଘକୁ ପରାସ୍ତକରି ଚାମ୍ପିଅନ୍ ହୋଇଛି।

ଏହି ବର୍ଗରେ ଦେବଗଡ଼ ଜିଲ୍ଲା ହକି ସଂଘ ୫-୦ ଗୋଲ୍‌ରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀ (ସମ୍ବଲପୁର)କୁ ହରାଇ ତୃତୀୟ ସ୍ଥାନ ଦଖଲ କରିଛି। ଉପକନିଷ୍ଠ ବର୍ଗରେ ଇତି ନାଏକ (ପାନପୋଷ କ୍ରୀଡ଼ା ଛାତ୍ରାବାସ) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ରିତିକା ଟିଗ୍ଗା (ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ନୀକିତା ର୍ତିକି (ସୁନ୍ଦରଗଡ଼) ଶ୍ରେଷ୍ଠ ଗୋଲ୍‌କିପର, ସ୍ମିତା ଏକ୍କା (ସୁନ୍ଦରଗଡ଼) ଶ୍ରେଷ୍ଠ ମଧ୍ୟଭାଗ, ନିହାରିକା ଟପ୍ପୋ (ଖୋର୍ଦ୍ଧା) ଶ୍ରେଷ୍ଠ ରକ୍ଷଣଭାଗ, ଅଞ୍ଜଳି ବାରା(ପାନପୋଷ କ୍ରୀଡ଼ା ଛାତ୍ରାବାସ) ଶ୍ରେଷ୍ଠ ଅଗ୍ରଭାଗ ଖେଳାଳି ଓ ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ଖୋର୍ଦ୍ଧାର ପରମେଶ୍ୱର ମାରାଣ୍ଡି ପୁରସ୍କୃତ ହୋଇଥିଲେ।

ସେହିଭଳି କନିଷ୍ଠ ବର୍ଗରେ ଆନନ୍ଦିତା ଟପ୍ପୋ (ଖୋର୍ଦ୍ଧା) ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଅଞ୍ଜଳି ଖାଖା(ସୁନ୍ଦରଗଡ଼) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ପ୍ରଜ୍ଞା ପାରମିତା ପଣ୍ଡା(ଯାଜପୁର) ଶ୍ରେଷ୍ଠ ଗୋଲରକ୍ଷକ, ସୋନିଆ ଡୁଙ୍ଗଡୁଙ୍ଗ(ଏସ୍‌ଏମ୍‌ଏସ୍ ହକି ଏକାଡେମୀ) ଶ୍ରେଷ୍ଠ ମଧ୍ୟଭାଗ, ସୀମା ଏକ୍କା (ଦେବଗଡ଼) ଶ୍ରେଷ୍ଠ ରକ୍ଷଣଭାଗ, ଡଲି ଭୋଇ (ଖୋର୍ଦ୍ଧା) ଶ୍ରେଷ୍ଠ ପୁରୋଭାଗ ଓ ସୁଧୀର କୁମାର କୁଜୁର (ଦେବଗଡ଼) ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର ପାଇଛନ୍ତି ଉଭୟ ବର୍ଗର ବିଜେତା ଦଳକୁ ୨ ଲକ୍ଷ ଟଙ୍କା, ଉପବିଜେତାକୁ ୧.୫ ଲକ୍ଷ ଓ ତୃତୀୟ ସ୍ଥାନ ପାଇଥିବା ଦଳକୁ ୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ତଥା ସମସ୍ତ ବ୍ୟକ୍ତିଗତ ପୁରସ୍କାର ବିଜୟିନୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରା ଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଉପବାଚସ୍ପତିଙ୍କ ପ୍ରତିନିଧି ଗୁରୁବିନ୍ଦର ସିଂହ, ପୂର୍ବତନଖେଳାଳି ପିଟର ତିର୍କି, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ଉପନର୍ଦ୍ଦେଶକ ସୁଦୀପ୍ତ ନାୟକ, ପାନପୋଷ କ୍ରୀଡ଼ା ଛାତ୍ରାବାସର ନିର୍ଦ୍ଦେଶକ ବିଜେ. କାରିଆପ୍ପା, ବରିଷ୍ଠ ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ, ରାକେଶ ମହାନ୍ତି, ଓଡ଼ିଶା ହକି ସଂଘ ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ